# ଶିକ୍ଷକ ଅଭାବ, ଧାରଣାରେ ଛାତ୍ରୀଛାତ୍ର

ଭଣ୍ଡାରିପୋଖରୀ,୨୬।୧୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ସାଧନକେନ୍ଦ୍ର ଅଧୀନ ଥଇଲା ଉ.ପ୍ରା. ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ମଙ୍ଗଳବାର ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି। ଏହି ବିଦ୍ୟାଳୟର ନିମ୍ନ ପ୍ରାଥମିକ ଶ୍ରେଣୀରେ ମୋଟ ୬୮ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏବେ ବିଦ୍ୟାଳୟରେ ୪ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ ପାଇଁ ନିୟୋଜିତ ଅଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ପାଇଁ ୩ ଶିକ୍ଷକ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନିମନ୍ତେ ଅତିରିକ୍ତ ୩ଜଣ ଶିକ୍ଷକ ଆବଶ୍ୟକ ବୋଲି ଛାତ୍ରୀଛାତ୍ର, ଅଭିଭାବକ ଦର୍ଶାଇଛନ୍ତି।

ଏହି ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ଦେଓପଦା ସ୍କୁଲକୁ ଡେପୁଟେଶନରେ


ଥଇଲା ଉ.ପ୍ରା. ବିଦ୍ୟାଳୟ ଫାଟକ ଆଗରେ ଧାରଣାରତ ଛାତ୍ରୀଛାତ୍ର।

ପଠାଯାଇଥିଲା ବେଳେ ଛଞ୍ଚିଣା ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ଏହି ସ୍କୁଲକୁ ଡେପୁଟେଶନରେ ଅଣାଯାଇଥିବା ଜଣାପଡ଼ିଛି। ମଙ୍ଗଳବାର ପ୍ରଶିକ୍ଷଣ ପାଇଁ ୨ଜଣ ଶିକ୍ଷକ ଯାଇଥିବାରୁ ଶିକ୍ଷାଦାନ ପାଇଁ ଆଉ ମାତ୍ର ୨ଜଣ ଶିକ୍ଷକ ରହିଥିଲେ। ଏହାର ପ୍ରତିବାଦରେ ଛାତ୍ରୀଛାତ୍ର ଶିକ୍ଷକ ପଦବୀ ପୂରଣ ପାଇଁ ଧାରଣା ଦେଇଥିଲେ। ପ୍ରଧାନ ଶିକ୍ଷକ ଅରୁଣ କୁମାର ସେଠୀଙ୍କଠାରୁ ସୂଚନା ପାଇ ଶିକ୍ଷା ସଂଯୋଜିକା ଜ୍ୟୋତ୍ସ୍ନା କୁମାରୀ ବାରିକ, ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା ଓ ଏବିଇଓ ଉମେଶ ଯେନା ଧାରଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଇ ବିଫଳ ହୋଇଥିଲେ। ଅପରାହ୍ନ ୪ଟାରେ ଛାତ୍ରୀଛାତ୍ର ଘରକୁ ଫେରିଯାଇଥିଲେ ହେଁ ବୁଧବାର ଧାରଣା ଅବ୍ୟାହତ ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

## 'ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କ ଶକ୍ତି'

ଭଦ୍ରକ,୨୬।୧୧(ସନାତନ ରାଉତ)

**ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା**

ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଭଦ୍ରକ କୋର୍ଟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲ ଏବଂ ସମସ୍ତ ବିଚାରପତି ସମ୍ବିଧାନର ନିୟମାବଳୀ, ମୌଳିକ ଅଧିକାର, କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କ ଶକ୍ତି ବୋଲି ସେମାନେ ବାର୍ତ୍ତା ଦେଇଥିଲେ।

## ମାର୍ଗଶିରରେ ପୂଜା ପାଆନ୍ତି ମା' ଗଜଲକ୍ଷ୍ମୀ

**ତାଳପଦାରେ ଶହେ ବର୍ଷର ନିଆରା ପରମ୍ପରା**

ତିହିଡ଼ି,୨୬।୧୧(ସଞ୍ଜିତ ବଳ)

ପବିତ୍ର ଦଶହରା ପରେ ସବୁଠି ମା' ଗଜଲକ୍ଷ୍ମୀଙ୍କ ପୂଜା ହୋଇଥାଏ। ମାର୍ଗଶିର ମାସର ପ୍ରତି ଗୁରୁବାର ମା' ଲକ୍ଷ୍ମୀଙ୍କ ପୂଜା କରିବାକୁ ମାଣବସା ଯାଇଥାଏ। ତିହିଡ଼ି ବ୍ଲକର ତାଳପଦା ଗ୍ରାମରେ ମାର୍ଗଶିର ମାସରେ ଗଜଲକ୍ଷ୍ମୀ ପୂଜା ହେବାର ନିଆରା ପରମ୍ପରା ରହିଛି। ଶହେ ବର୍ଷ ଧରି ଏହି ପୂଜା ହୋଇଆସୁଛି। ଏହି ଉପଲକ୍ଷେ ଗାଁ ଉତ୍ସବମୁଖର ହୋଇଛି। ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜା ମଣ୍ଡପରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି।

ମାସର ପ୍ରଥମ ଗୁରୁବାରଠାରୁ ପୂଜା ଚାଲିଛି। ୭ ଦିନ ଧରି ମା' ମଣ୍ଡପରେ ପୂଜା ପାଇବେ। ସୁସଜ୍ଜିତ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳା ପୂଜାସ୍ଥଳର ଶୋଭା ବଢ଼ାଉଛି। ଗ୍ରାମର ମହିଳାମାନେ ସକାଳେ ଓ ସନ୍ଧ୍ୟା ସମୟରେ ମା'ଙ୍କୁ ଦର୍ଶନ କରି ଆଶିଷ ଲାଭ କରୁଛନ୍ତି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ମାର୍ଗଶିର ମାସ ଗୁରୁବାରରେ ଜନ୍ମଲାଭ କରିଥିଲେ।



ଏହି ଦିବସକୁ ସ୍ମରଣୀୟ ରଖିବାକୁ ସେ ଗଜଲକ୍ଷ୍ମୀ ପୂଜା ଆରମ୍ଭ କରିଥିବା କୁହାଯାଏ। ଏବେ ଏହି ପୂଜା ସାର୍ବଜନୀନ ଭାବେ ଅନୁଷ୍ଠିତ ହେଉଛି। ଚଳିତବର୍ଷ ତାପସ ମହାପାତ୍ର କର୍ତ୍ତା ଭାବେ ପୂଜା କାର୍ଯ୍ୟ ତୁଲାଉଛନ୍ତି। ପୂଜା କମିଟିର ସଭାପତି ବାଣୀକଲ୍ୟାଣ ମହାପାତ୍ର, ସମ୍ପାଦକ ବିଶ୍ୱରଞ୍ଜନ ମହାପାତ୍ର, କୋଷାଧ୍ୟକ୍ଷ ରାକେଶ ମହାପାତ୍ରଙ୍କ ସମେତ ପ୍ରଦୀପ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଜେନା, ଅଭୟ ଜେନା, ରାମଚନ୍ଦ୍ର ଜେନା ଓ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ଗୋଟିଏ ରାତିରେ ୪ ମନ୍ଦିରରୁ ଚୋରି

**ନେଇଗଲେ ଠାକୁରଙ୍କ ସୁନା, ରୁପା ଅଳଙ୍କାର**

ଭଦ୍ରକ,୨୬।୧୧ (ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଥାନା ଅଧୀନ ନୂଆସାହିରେ ୪ଟି ମନ୍ଦିରରୁ ସୋମବାର ରାତିରେ ସିରିଜ୍ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ଗ୍ରୀଲ ତାଲା ଭାଙ୍ଗି ଠାକୁରଙ୍କ ସୁନା, ରୁପା ଅଳଙ୍କାର ଚୋରି କରି ନେଇଯାଇଥିବା ମଙ୍ଗଳବାର ଗ୍ରାମବାସୀଙ୍କ ପକ୍ଷରୁ ପୁରୁଣାବଜାର ଥାନାରେ ଅଭିଯୋଗ କରାଯାଇଛି। ଏନେଇ ଥାନାରେ ୨ଟି ମାମଲା (ନଂ. ୩୩୨/୨୪ ଓ ୩୩୩/୨୪) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ମନ୍ଦିର ନିକଟରେ ଥିବା ଗଣେଶ ଚନ୍ଦ୍ର ନାୟକ ଓ ଭରତ ଚନ୍ଦ୍ର ନାୟକଙ୍କ ଘର କବାଟ ବାହାର ପଟୁ ଚୋରମାନେ ବନ୍ଦ କରି ଶିବ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ହନୁମାନ ମନ୍ଦିର ଓ ମଙ୍ଗଳା ମନ୍ଦିରରୁ ସୁନାହାର, ମଙ୍ଗଳସୂତ୍ର, ସିନ୍ଥି, ସୁନାଚିତା, ରୁପା ମୁକୁଟ ଆଦି ଚୋରି କରି ନେଇଛନ୍ତି। ଏସବୁ ଅଳଙ୍କାରର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଦର୍ଶାଯାଇଛି। ମଙ୍ଗଳବାର ସକାଳେ ସବୁ ମନ୍ଦିରର ତାଲା ଭଙ୍ଗାଯାଇଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୁରୁଣାବଜାର ଥାନାଧିକାରୀ ନୀରୋଜ ସାମଲ ଘଟଣାସ୍ଥଳରେ ପହଞ୍ଚି ସହ ତଦନ୍ତ କରିଛନ୍ତି।

## ଅଙ୍ଗନୱାଡ଼ି ଚାଉଳ ହଡ଼ପ, ଠିକାଦାରଙ୍କ ଗୋଦାମ ସିଲ୍

ଧାମନଗର,୨୬।୧୧(ଦେବେନ୍ଦ୍ର ଆଣ୍ଡିଆ)

ଧାମନଗର ବ୍ଲକରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଯୋଗାଉଥିବା ଚାଉଳ ହଡ଼ପ ଅଭିଯୋଗରେ ଠିକାଦାରଙ୍କ ଗୋଦାମକୁ ମଙ୍ଗଳବାର ସିଲ୍ କରାଯାଇଛି। ଧାମନଗର ସିଡିପିଓ ଧରିତ୍ରୀ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ଦୀପକ କୁମାର ଦାସ ସିଲ୍ କରିଛନ୍ତି। ଅପରାହ୍ନରେ ତହସିଲଦାର ଏକ ଟିମ୍ ଧରି ଧାମନଗର ଏନ୍‌ଏସିର ମୁନସିପାଟଣାରେ ଥିବା ଏହି ଗୋଦାମରେ ପହଞ୍ଚି ଦୁଇଟି ଦ୍ୱାରରେ ଥିବା ତାଲାକୁ ଜଉମୁଦ ମାରି ସିଲ୍ କରିଥିଲେ।

ସୂଚନା ଅନୁଯାୟୀ, ବ୍ଲକର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଚାଉଳ ଯୋଗାଇବା ଲାଗି ମୁସିପାଟଣା ଅଞ୍ଚଳର ଜନୈକ ଠିକାଦାର ୨୦୨୦ରୁ ଚାଉଳ ବାଣ୍ଟିବା ପାଇଁ ଟେଣ୍ଡର ନେଇଥିଲେ। ସେ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ଚାଉଳ ଯୋଗାଇ ଆସୁଥିଲେ। ଆଇସିଡିଏସ୍ ଯୋଜନାର ଖାଦ୍ୟ ସାମଗ୍ରୀ ଯୋଗାଣ ନିୟମ ଅନୁସାରେ ଠିକାଦାର ନିର୍ଦ୍ଧାରିତ ଭାରତୀୟ ଖାଦ୍ୟ ନିଗମର ଗୋଦାମରୁ ଚାଉଳ ଉଠାଇବେ। ଏହାପରେ ନିଜ ଅଞ୍ଚଳରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ



ଯୋଗାଇବେ। ହେଲେ ଠିକାଦାର ଜଣକ ସିଧା ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଉଳ ନ ବାଣ୍ଟି ନିଜ ଘର ପାଖରେ କରିଥିବା ଗୋଦାମରେ ରଖୁଥିଲେ। ଗୋଦାମରେ ରହୁଥିବା ଚାଉଳ ବସ୍ତାରୁ କିଛି କିଛି ଚାଉଳ ବାହାର କରି ନେଉଥିଲେ। ତା' ପରେ ସେଠାରୁ ଛୋଟ ଗାଡ଼ିରେ ଚାଉଳ ବସ୍ତା ନେଇ ଅଙ୍ଗନୱାଡ଼ି କେନ୍ଦ୍ରରେ ଦେଉଥିଲେ। ଚାଉଳ ବସ୍ତାର ଓଜନ କମ୍ ରହୁଥିବା ନେଇ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏପରିକି ଠିକାଦାର ମଝିରେ ମଝିରେ ଗୋଟିଏ ଗୋଟିଏ ମାସ ଚାଉଳ ଆଦୌ ଦେଉ ନ ଥିଲେ ବୋଲି ଅଭିଯୋଗ ହେଉଥିଲା। ଏନେଇ ବାରମ୍ବାର ଅଭିଯୋଗ ପରେ ଜିଲାପାଳଙ୍କ ପାଖରେ ଖବର ପହଞ୍ଚିଥିଲା। ଏହାର ତଦନ୍ତ କରିବାକୁ ସିଡିପିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନୂଆ ସିଡିପିଓ ଠିକାଦାରଙ୍କୁ ବାରମ୍ବାର ଡାକିଥିଲେ ବି ସେ ଯାଉ ନ ଥିଲେ। ସିଡିପିଓ ପାଣିଗ୍ରାହୀ ତହସିଲଦାରଙ୍କ ସହ ଚାଉଳ ଗୋଦାମରେ ଚଢ଼ାଉ କରିଛନ୍ତି। ଗୋଦାମରେ କେତେ ଚାଉଳ ଗଚ୍ଛିତ ଅଛି, ତାହା ସ୍ପଷ୍ଟ ହୋଇନାହିଁ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପରିସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ସିଲ୍ ଖୋଲାଯାଇ ଘଟଣାର ତଦନ୍ତ କରାଯିବ ବୋଲି ତହସିଲଦାର କହିଥିଲେ। ଗଚ୍ଛିତ ଥିବା ଚାଉଳ ଗତ ଜୁଲାଇ ଓ ଅଗଷ୍ଟର। ଅଧିକ ତଦନ୍ତ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦିଆଯାଇଥିବା ସିଡିପିଓ ପାଣିଗ୍ରାହୀ କହିଛନ୍ତି। ବାହାରେ ଥିବାରୁ ଘଟଣା ସମ୍ପର୍କରେ କିଛି ଜାଣି ନାହାନ୍ତି ବୋଲି ଟେଣ୍ଡର ନେଇଥିବା ଠିକାଦାର କହିଛନ୍ତି।

## ପିଇଓଙ୍କ ବଦଳି: ବନ୍ତରୁ ଗଲେ ୫, ଆସିଲେ ୫

ବନ୍ତ,୨୬।୧୧(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲାର ୭ ବ୍ଲକର ୨୮ ପିଇଓ (ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ)ଙ୍କ କାର୍ଯ୍ୟରତ ବ୍ଲକ୍‌ରୁ ଅନ୍ୟ ବ୍ଲକ୍‌କୁ ବଦଳି ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା ୮୧୭/ତା-୧୯।୧୧।୨୪ରେ ପ୍ରକାଶିତ ବଦଳି ଆଦେଶରେ କାର୍ଯ୍ୟରତ ବ୍ଲକରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଚଳିତମାସ ୨୨ ତାରିଖ ସୁଦ୍ଧା ରିଲିଭ ହୋଇ ନିଯୁକ୍ତି ପାଇଥିବା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରେ ଯୋଗଦେବାକୁ ଉଲ୍ଲେଖ ରହିଥିଲା। ଏଥିସହ ରିଲିଭ ହେବାର ୫ଦିନ ମଧ୍ୟରେ ତାଙ୍କ ଅଧୀନରେ ଥିବା ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ରହିଛି।

ଏହି ନିର୍ଦ୍ଦେଶ ଅନୁଯାୟୀ ବନ୍ତ ବ୍ଲକରୁ ୫ ପିଇଓଙ୍କ ବଦଳି ହୋଇଥିବା ବେଳେ ଅନ୍ୟ ବ୍ଲକରୁ ବନ୍ତ ବ୍ଲକକୁ ୫ ପିଇଓଙ୍କ ବଦଳି କରାଯାଇଛି। ବନ୍ତକୁ ଭଦ୍ରକ ବ୍ଲକରୁ ଆସିଥିବା ପିଇଓ କ୍ଷୀରୋଦ କୁମାର ଖଟୁଆ, ଧାମନଗରରୁ ଗଦାଧର ସାହୁ, ବାସୁଦେବପୁରରୁ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ତିହିଡ଼ିରୁ ବାସୁଦେବ ବେହେରା ଓ ଭଣ୍ଡାରିପୋଖରୀରୁ ସୁଚିସ୍ମିତା ନାୟକ ଏହାମଧ୍ୟରେ କାର୍ଯ୍ୟରେ ଯୋଗ ଦେଇଥିବା ଜଣାଯାଇଛି। ଅନ୍ୟପକ୍ଷେ ବନ୍ତ ବ୍ଲକରୁ ଭଦ୍ରକ ବ୍ଲକକୁ ବଦଳି ହୋଇଥିବା ଅଲେଖ ଚରଣ ମଲ୍ଲିକ, ଅଶୋକ କୁମାର ସ୍ୱାଇଁ, ଭଣ୍ଡାରିପୋଖରୀ ବ୍ଲକକୁ ବଦଳି ହୋଇଥିବା ନିଶାକର ଖୁଣ୍ଟିଆ, ପ୍ରଦୀପ କୁମାର ନାୟକ, ଧାମନଗର ବ୍ଲକକୁ ବଦଳି ହୋଇଥିବା ବିଭୁଦତ୍ତ ପାତ୍ର ରିଲିଭ ହୋଇନାହାନ୍ତି। ଏମାନେ ଖୁବ୍‌ଶୀଘ୍ର ରିଲିଭ ହୋଇ ବଦଳି ହୋଇଥିବା ବ୍ଲକରେ କାର୍ଯ୍ୟରେ ଯୋଗଦେବେ ବୋଲି ଜଣାଯାଇଛି।

## ଜନ୍ମ ବେଳେ ପୁଅ, ପ୍ରମାଣପତ୍ରରେ ଝିଅ

ଧାମନଗର,୨୬।୧୧ (ସନ୍ତୋଷ କୁମାର ମହାପାତ୍ର)

ଡାକ୍ତରଖାନାରେ ଶିଶୁପୁତ୍ର ଜନ୍ମ ହୋଇଥିବା ବେଳେ ଜନ୍ମଗତ ପ୍ରମାଣପତ୍ରରେ ଶିଶୁକନ୍ୟା ଦର୍ଶାଯାଇଛି। ୩ବର୍ଷ ତଳେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ତ୍ରୁଟି ହୋଇଥିବା ବେଳେ ଏବେ ଘଟଣା ସାମ୍ନାକୁ ଆସିଛି। ଶିଶୁର ବାପା ଧାମନଗର ବ୍ଲକ ଅଧୀନ ଦଇପୁର ପଞ୍ଚାୟତ କୁସୁମା ଗ୍ରାମର ଅଶ୍ୱିନୀ ଦାସ ଏନେଇ ଅଭିଯୋଗ କରିଛନ୍ତି।

ଅଶ୍ୱିନୀଙ୍କ କହିବା ଅନୁଯାୟୀ, ତାଙ୍କ ସ୍ତ୍ରୀ ନିରୁପମା ୨୦୨୧ ଜାନୁଆରୀ ୨ ରାତିରେ ଧାମନଗର ଡାକ୍ତରଖାନାରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ୨ ଦିନ ପରେ ଡାକ୍ତରଖାନା ପକ୍ଷରୁ ଡିସ୍‌ଚାର୍ଜ ପ୍ରମାଣପତ୍ର ଦେଇ ଘରକୁ ପଠାଇଥିଲେ। ୯ ମାସ ପରେ ଅର୍ଥାତ୍ ଅକ୍ଟୋବର ୧୩ରେ ଧାମନଗର ମେଡିକାଲର ଜନ୍ମମୃତ୍ୟୁ ପ୍ରମାଣପତ୍ର ଦାୟିତ୍ୱରେ ଥିବା ଅଧିକାରୀ ଜନ୍ମ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେହି ପ୍ରମାଣପତ୍ରକୁ ନେଇ ପୁଅର ନାମଲେଖା ପାଇଁ କିଛିଦିନ ତଳେ ସେ ଏକ ବେସରକାରୀ ବିଦ୍ୟାଳୟକୁ ଯାଇଥିଲେ। ଜନ୍ମଗତ ପ୍ରମାଣପତ୍ରରେ ଶିଶୁକନ୍ୟା ଦର୍ଶାଯାଇଥିବା ନେଇ ସେଠାରେ ଜଣାପଡ଼ିଥିଲା। ସେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଠିକ୍ ପ୍ରମାଣପତ୍ର ଦେବାକୁ ଅବଗତ କରିଥିଲେ ମଧ୍ୟ ଅଦ୍ୟାବଧି ଜନ୍ମ ପ୍ରମାଣପତ୍ରରେ ସଂଶୋଧନ କରାଯାଇ ନାହିଁ। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ମନ୍ମୟ କୁମାର ସାମନ୍ତସିଂହାରଙ୍କୁ ପଚାରିବାରୁ ତାଙ୍କ ପାଖକୁ ଅଭିଯୋଗ ଆସିନାହିଁ, ଯଦି ଆସେ ତୁରନ୍ତ ତ୍ରୁଟି ସଂଶୋଧନ କରାଯିବ ବୋଲି କହିଛନ୍ତି।

## ଭାଇଚାରା ଅକ୍ଷୁଣ୍ଣ ରଖିବାକୁ ବରିଷ୍ଠ ନାଗରିକଙ୍କ ଦାବି


ବରିଷ୍ଠ ନାଗରିକମାନେ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଆଲୋଚନା କରୁଛନ୍ତି।

ଭଦ୍ରକ,୨୬।୧୧(ସନାତନ ରାଉତ)

ଭଦ୍ରକ ସହରରେ ଉଭୟ ସମ୍ପ୍ରଦାୟର ଲୋକେ ମିଳିମିଶି ଦୁର୍ଗାପୂଜା, କାଳୀପୂଜା, ଗଣେଶ ପୂଜା, ରାମନବମୀ, ଇଦ୍ ଓ ମହରମ ଭଳି ପର୍ବ ପାଳନ କରୁଛନ୍ତି। ଉଭୟ ସମ୍ପ୍ରଦାୟର ଲୋକେ ପରସ୍ପରକୁ ସାହାଯ୍ୟ ସହଯୋଗ କରୁଛନ୍ତି। ସମସ୍ତଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ଯୋଗୁ ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରହିଛି। କିନ୍ତୁ ଭଦ୍ରକର ସଦ୍‌ଭାବନାକୁ କ୍ଷୁଣ୍ଣ କରିବା ପାଇଁ ଉଭୟ ସମ୍ପ୍ରଦାୟର କିଛି ଅପରିଣାମଦର୍ଶୀ ଯୁବକ ବେଳେ ବେଳେ ସୋସିଆଲ ମିଡିଆ ମାଧ୍ୟମରେ ଓ ଅନ୍ୟ ଉପାୟରେ ବିଭିନ୍ନ ମିଥ୍ୟା, କପୋଳକଳ୍ପିତ ଖବର ପରିବେଷଣ କରି ଉତ୍ତେଜନା ଓ ଶାନ୍ତିଭଙ୍ଗ ପାଇଁ ଅପଚେଷ୍ଟା କରୁଛନ୍ତି। ଭଦ୍ରକର ବୁଦ୍ଧିଜୀବୀମାନେ ଏହାକୁ ଦୃଢ଼ ନିନ୍ଦା କରିବା ସହ ଭାଇଚାରାକୁ ଅକ୍ଷୁଣ୍ଣ ରଖିବା ପାଇଁ ବରିଷ୍ଠ ନାଗରିକମାନେ ମଙ୍ଗଳବାର ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କୌଣସି ବ୍ୟକ୍ତି ଭାଇଚାରାକୁ କ୍ଷୁଣ୍ଣ କରିବା ପାଇଁ ଅପଚେଷ୍ଟା କଲେ ଦୋଷୀକୁ ଦଣ୍ଡ ଦେବା ଏବଂ ସହରରେ ଚୋରା ନିଶା କାରବାର ରୋକିବାକୁ ସେମାନେ ପ୍ରଶାସନକୁ ଦାବି ଜଣାଇଛନ୍ତି।

ମୁସ୍‌ଲିମ୍ ଜମାତର ସଭାପତି ମହମ୍ମଦ ଅବଦୁଲ ବାରୀ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତାରୀ ମହାପାତ୍ର, ବରିଷ୍ଠ ନାଗରିକ ମହାସଂଘର ଜିଲା ସଭାପତି ଲଲାଟେନ୍ଦୁ ମହାନ୍ତି, ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ହିନ୍ଦୁ ସୁରକ୍ଷା ସମିତି ସଭାପତି ବିଦ୍ୟାଧର ସାହୁ, ଭାରତୀୟ ଚିକିତ୍ସକ ସଂଘ ଉପଦେଷ୍ଟା ଡ. ହରେକୃଷ୍ଣ ନାୟକ, ଶାନ୍ତି କମିଟି ସଦସ୍ୟ ସୁଧାକର ରାଉତ, ଝରଣା ପଟ୍ଟନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଗାନ୍ଧୀ ବାଳାଶ୍ରମ ସମ୍ପାଦକ ଅଶୋକ କୁମାର ଦାସ, ଶାନ୍ତି କମିଟି ସଦସ୍ୟ ଗୌରଚନ୍ଦ୍ର ପଣ୍ଡା, ଶେଖ୍ ମହମ୍ମଦ ଫାରୁକ୍, ରାଜକିଶୋର ମିଶ୍ର, ଗାନ୍ଧୀ ବିଚାର ମଞ୍ଚ ସଭାପତି ଶାନ୍ତନୁ କୁମାର ରାଉତ, ପୂର୍ବତନ କାଉନସିଲର ସୁରେନ୍ଦ୍ର ବେହେରା, ଜ୍ୟୋତିପ୍ରକାଶ ମହାନ୍ତି ପ୍ରମୁଖ ଏଥିରେ ସାମିଲ ଥିଲେ।

## ସମ୍ବିଧାନ ଦିବସରେ ଶପଥପାଠ କଲେ ଅଧିକାରୀ


ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅଧିକାରୀମାନେ ଶପଥପାଠ କରୁଛନ୍ତି।

ଭଦ୍ରକ,୨୬।୧୧(ସନାତନ ରାଉତ)

ସମ୍ବିଧାନ ଦିବସ ଅବସରରେ ମଙ୍ଗଳବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଶପଥପାଠ କରାଯାଇଥିଲା। ଜାତି, ଧର୍ମ, ବର୍ଣ୍ଣ, ଦଳ ନିର୍ବିଶେଷରେ ସମସ୍ତେ ଆମ ଦେଶର ସମ୍ବିଧାନ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ସାମ୍ବିଧାନିକ ନୀତି ନିୟମ ଅନୁସରଣ କରି ନିଜ କର୍ତ୍ତବ୍ୟ କରିବା ପାଇଁ ଜିଲାପାଳ ବକ୍ତବ୍ୟ ରଖିବା ସହ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ସାଗରିକା ସାହୁ, ପ୍ରମିଳା ମଲ୍ଲିକ, ପ୍ରଜ୍ଞା ହୋତା ପ୍ରମୁଖଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା ଉପସ୍ଥିତ ଥିଲେ।

## ଶିବିରରେ ୪୮ଜଣଙ୍କ ଚକ୍ଷୁ ପରୀକ୍ଷା

ତିହିଡ଼ି,୨୬।୧୧(ସଞ୍ଜିତ ବଳ)

ତିହିଡ଼ି ଯୁବମଞ୍ଚ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ତିହିଡ଼ି ବ୍ଲକ ଛକସ୍ଥିତ ପାଣିଗ୍ରାହୀ ହେଲ୍‌ଥ କେୟାର ପରିସରରେ ମଙ୍ଗଳବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କବି ଭଗବାନ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ୪୮ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୨ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ବ୍ୟବସ୍ଥା କରାଯାଇଛି। ଶିକ୍ଷାବିତ୍ ସୋମନାଥ ପାଢ଼ୀ, ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରର ବିଭାଗୀୟ ଅଧିକାରୀ ବିପ୍ଳବ ରଞ୍ଜନ ପତି, ପ୍ରଭାତ ରାଉଳ, ଉପଦେଷ୍ଟା ସଚିକାନ୍ତ ନାୟକ, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସାଂସ୍କୃତିକ ସଂଯୋଜକ ମନୋଜ ପାଣିଗ୍ରାହୀ, ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ, ସଂଯୋଜକ ନୀଳମାଧବ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଚକ୍ଷୁ ଚିକିତ୍ସକ ମୁକ୍ତିକାନ୍ତ ନାୟକ, ପରିଚାଳକ ରାମଚନ୍ଦ୍ର ବେହେରା, ଅଭିଜିତ ବେହେରା, ପାରା ମେଡିକାଲ ସ୍ୱାସ୍ଥ୍ୟକର୍ମୀ ସ୍ୱର୍ଣ୍ଣଲତା ଦାସ ଓ ଗାୟତ୍ରୀ ଜେନା ଯୋଗ ଦେଇଥିଲେ। ରେଣୁବାଳା ନାଥ, ସୟଦ ରଫିକ, ସାକିରୁଦ୍ଦିନ ଖାଁ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଭଦ୍ରକ, ୨୬।୧୧ (ରବିନାରାୟଣ ଖିଲାର)

ଭଦ୍ରକ ପିପୁଲ୍ସ ୱେଲ୍‌ଫେୟାର ସଜେସନ ଫୋରମ, ରୋଟାରୀ କ୍ଲବ୍ ଭଦ୍ରକ ଏବଂ ବଗୁରାଇ ସ୍କୁଲ ଆଲୁମିନି କମିଟିର ମିଳିତ ଆୟୋଜନକ୍ରମେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଗୁରାଇ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରରେ ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜର ବିଭିନ୍ନ ବିଶେଷଜ୍ଞଙ୍କ ଦ୍ୱାରା ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଫୋରମର ଅଧ୍ୟକ୍ଷ ଡ. ନନ୍ଦନନ୍ଦନ ଦାସଙ୍କ ଉପସ୍ଥିତିରେ ଜିଲାପାଳ ଦିଲୀପ କୁମାର ରାଉତରାଏ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଧାଂଶୁ ଶେଖର ବଳ ଓ ହାଇଟେକ ମେଡିକାଲ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ, କର୍ମଚାରୀ, ଅଭିଭାବକ ଏବଂ ସ୍ଥାନୀୟ ପ୍ରାୟ ୬୫୦ରୁ ଊର୍ଦ୍ଧ୍ୱ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ଔଷଧ, ଚଷମା ଓ ପରବର୍ତ୍ତୀ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଅତିରିକ୍ତ ସଚିବ, ଡ. କୃଷ୍ଣମୋହନ ମହାପାତ୍ର, ଯୁଗ୍ମ ସଚିବ ଅକ୍ଷୟ ପଣ୍ଡା, ଭଦ୍ରକ ରୋଟାରୀ କ୍ଲବ୍ ସଭାପତି ସନ୍ତୋଷ କୁମାର ନାୟକ, ସମ୍ପାଦିକା ରୋ. ସାୟାନ୍ତା ସୌରମାଳିନୀ ସାହୁ, ଇନ୍ଦ୍ରଜିତ ସାହୁ, ବସନ୍ତ ପାଣିଗ୍ରାହୀ, ପ୍ରଣବ ସାହୁ, ବାଦଲ କିଶୋର ମହାପାତ୍ର, ପ୍ରମୋଦ ଜେନା, ଉମାକାନ୍ତ ଜେନା, ନାସିର ବକ୍ସ, ଅଭିଜିତ ନାୟକ, ସୀତାକାନ୍ତ ଦାସଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।


ଶିବିରରେ ଉପସ୍ଥିତ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

## ଧାନ ପାଚିବା ସମୟରେ ଜମି ଶୁଖିଲା

ଭଦ୍ରକ,୨୬।୧୧(ସନାତନ ରାଉତ)

**ଜିଲାରେ ୫ଶହରୁ ଊର୍ଦ୍ଧ୍ୱ ଜଳସେଚନ ପ୍ରକଳ୍ପ ଅଚଳ**

**କେନାଲ ଜଳ ଯୋଗାଣ ବି ବନ୍ଦ**

ଏବେ ଧାନ ପାଚିବା ସମୟ ହୋଇଥିବା ବେଳେ ବାତ୍ୟା 'ଦାନା' ପରେ ବର୍ଷା ନ ଥିବାରୁ ଅଧିକାଂଶ ଜମି ଶୁଖି ଫାଟିଗଲାଣି। ଚଳିତବର୍ଷ ବିଳମ୍ବରେ ଚାଷ ଆରମ୍ଭ ହୋଇଥିବା ବେଳେ ଏବେ କେତେକ ଜମିରେ ଧାନ କେଣ୍ଡା ବାହାରୁଛି ତ ଆଉ କେତେକ ଜମିରେ ଧାନ ଫୁଲ ଖେଳାଉଛି। ଏହି ସମୟରେ ପାଣି ଅତ୍ୟନ୍ତ ଆବଶ୍ୟକ। ହେଲେ କେନାଲ ଜଳ ଯୋଗାଣ ବନ୍ଦ ଥିବାରୁ ଜମିରେ ପାଣି ମାଡ଼ିପାରୁନି। ଭଦ୍ରକ ଜିଲା ବନ୍ତ ବ୍ଲକର ଅଣିଜୋ ପଞ୍ଚାୟତ ନରିପୁରରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ସେଠାରେ ସେଚ ପ୍ରକଳ୍ପ ଥାଇ ମଧ୍ୟ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିରହିଛି। କେଉଁଠି ବିଦ୍ୟୁତ୍ ବିଲ୍ ବକେୟା ଥିବାରୁ ଅଚଳ ହୋଇଛି ତ ଅନ୍ୟ କେଉଁଠି ବିଦ୍ୟୁତ୍ ସଂଯୋଗ ନ ଥିବାରୁ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଏହିଭଳି ଜିଲାରେ ୫ଶହରୁ ଊର୍ଦ୍ଧ୍ୱ ଜଳସେଚନ ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଛି। ଏଥିପ୍ରତି ବିଦ୍ୟୁତ୍ ବିଭାଗର ଆନ୍ତରିକତା ନାହିଁ କିମ୍ବା ଉଠା ଜଳସେଚନ ବିଭାଗର ନଜର ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଉକ୍ତ ଅଞ୍ଚଳର ବରିଷ୍ଠ ଚାଷୀ ପଦ୍ମନାଭ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନିକଟରେ ଜିଲାପାଳଙ୍କୁ ଭେଟିଥିଲେ। ସେମାନଙ୍କ ଦାବି ଉପସ୍ଥାପନ କରିବା ସହ ଏହାର ତୁରନ୍ତ ସମାଧାନ ପାଇଁ ଦାବି ଜଣାଇଥିଲେ।

ସେମାନେ ଅଭିଯୋଗ କରିଛନ୍ତି ଯେ, ବୁଦ୍ୟୁତ୍ କମ୍ପାନୀ ଧାର୍ଯ୍ୟ ଶୁଳ୍କ ନେବା ପରେ ମଧ୍ୟ ରକ୍ଷଣାବେକ୍ଷଣ ବାବଦକୁ ମାସିକ ୫୫୦ ଟଙ୍କା ଆଦାୟ କରୁଛି। ପ୍ରକଳ୍ପଗୁଡ଼ିକ ବର୍ଷକୁ ମାତ୍ର ୪ ମାସ ପାଇଁ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଅବଶିଷ୍ଟ ୮ ମାସ ବନ୍ଦ ରହୁଛି। ଏହି ବନ୍ଦ ରହିବା ସମୟରେ ମଧ୍ୟ ରକ୍ଷଣାବେକ୍ଷଣ ବାବଦକୁ କମ୍ପାନୀ ମାସକୁ ୪୫୦ ଟଙ୍କା ଆଦାୟ କରୁଛି। ରକ୍ଷଣାବେକ୍ଷଣ ବାବଦରେ ଶୁଳ୍କ ନେଉଥିଲେ ମଧ୍ୟ ବିଦ୍ୟୁତ୍ ଉପକରଣ ଖର୍ଚ୍ଚ ବିଭାଗ ବହନ କରୁ ନ ଥିବା ସେମାନେ ଦର୍ଶାଇଥିଲେ। କୃଷି ଏବଂ କୃଷିଜାତ ଉପକରଣ ପାଇଁ ସରକାର ସବ୍‌ସିଡି ଭରଣା କରୁଥିବା ବେଳେ ବିଜୁଳି ବିଲ୍‌ରେ ସବ୍‌ସିଡି କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ବିଜୁଳି ସଙ୍କଟରୁ ଚାଷୀଙ୍କୁ ରିହାତି ପାଇଁ ସରକାର ନିଜେ ଦେୟ ବହନ କରିବାକୁ ସେମାନେ ଦାବି ଜଣାଇଛନ୍ତି। ୨୦୧୨ରେ ରାଜ୍ୟ ସରକାର ସେଚ ପ୍ରକଳ୍ପଗୁଡ଼ିକର ସମସ୍ତ ବକେୟା ବିଲ୍ ପୈଠ କରିଥିଲେ ମଧ୍ୟ ପୁରୁଣା ଦେୟକୁ ପାଣି ପଞ୍ଚାୟତ ଉପରେ ଏବେ ମଧ୍ୟ ଭିଡ଼ା ଯାଉଥିବା ଅଭିଯୋଗ ଉଠାଇଛନ୍ତି। ଅନ୍ୟପକ୍ଷେ ଉଠା ଜଳସେଚନ ପ୍ରକଳ୍ପ ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିବାରୁ ପ୍ରକଳ୍ପ ପରିଚାଳନାରେ ବିଭାଗର କୌଣସି ଭୂମିକା ନାହିଁ ବୋଲି ନିର୍ବାହୀ ଯନ୍ତ୍ରୀ ତାରେଶ୍ୱର ରାଓ କହିଛନ୍ତି।

# ରୋଗୀଙ୍କ ସୁରକ୍ଷା, ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ

କେନ୍ଦୁଝର,୨୬।୧୧(ଦୀପକ ମିଶ୍ର)

କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଅଡିଟୋରିୟମରେ ରୋଗୀ ସୁରକ୍ଷା, ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସଂକ୍ରମଣ ନିୟନ୍ତ୍ରଣ ଉପରେ ୪ ଦିବସିଆ କର୍ମଶାଳା ମଙ୍ଗଳବାର ଆରମ୍ଭ ହୋଇଛି। ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ପ୍ରଫେସର ମହେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ କର୍ମଶାଳାର ଉଦ୍ଘାଟନୀ ଦିବସରେ ଅତିଥି ଭାବେ ଭାଇସ୍ ପ୍ରିନ୍ସିପାଲ ତଥା ମେଡିସିନ ବିଭାଗ ଏଚ୍ଓଡି ପ୍ରଫେସର ପି.କେ. ଥାଟୋଇ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅସୀମ କୁମାର ଦେ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍ ନିତ୍ୟାରଞ୍ଜନ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଡା. ଥାଟୋଇ ରୋଗୀଙ୍କ ସୁରକ୍ଷା, ଡାକ୍ତର, ନର୍ସିଂ ଅଫିସର, ନର୍ସ, ସ୍ୱାସ୍ଥ୍ୟକର୍ମୀ ଏବଂ ଅନ୍ୟ କର୍ମଚାରୀଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଡ୍ୟୁଟି ସମୟରେ ନିଜ ସୁରକ୍ଷା ଏବଂ ରୋଗୀଙ୍କ ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନେବା, କେଉଁ ଦିଗ ପ୍ରତି ସଚେତନ ରହିବା ଜରୁରୀ ସେ ସମ୍ପର୍କରେ କହିଥିଲେ। ବିଶେଷକରି ସିରିଞ୍ଜ, ବୋତଲ ଏବଂ ଅନ୍ୟ ସାମଗ୍ରୀ ରୋଗୀଙ୍କ ବ୍ୟବହାର ପରେ ବାହାରେ ନ ପକାଇବାକୁ ପରାମର୍ଶ ଦେଇଥିଲେ।

ଡିପିଏମ୍ ବରାଳ ଅପରେଶନ ପରେ କେଉଁ ପ୍ରଣାଳୀରେ ସିରିଞ୍ଜ, ଇଞ୍ଜେକ୍ସନ, ବୋତଲ, ଆମ୍ପୁଲ, ଭାଏଲ, ବ୍ଲେଡ୍, ଛୁଞ୍ଚି ଆଦି ସାମଗ୍ରୀ ବାହାରେ ନ ପକାଇ ଠିକ୍ ଭାବେ ପରିଚାଳନା କରାଗଲେ ସଂକ୍ରମଣ ରୋକାଯାଇପାରିବ ବୋଲି କହିଥିଲେ। କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ବିଭାଗରେ କ୍ଷମତାଠାରୁ ଅଧିକ ବେଡ୍ ପଡ଼ିଥିବାରୁ ବହୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ରହୁଛନ୍ତି। ଏତେସଂଖ୍ୟାରେ ରୋଗୀ ରହିଥିବାରୁ ମେଡିକାଲକୁ ସଫାସୁତୁରା ରଖିବା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି ବୋଲି ସେ କହିଥିଲେ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦେ ବର୍ଜ୍ୟବସ୍ତୁ ଏବଂ ବର୍ଜ୍ୟ ଜଳ ପରିଚାଳନା ଠିକ୍ ଯୋଜନା ଅନୁଯାୟୀ କରାଯିବା ଉଚିତ୍ ବୋଲି କହିଥିଲେ। ମେଡିକାଲ ବର୍ଜ୍ୟବସ୍ତୁ ଠିକ୍ ଭାବେ ପରିଚାଳନା କରା ନ ଗଲେ ଜରିମାନା ସହ ଜେଲ ଦଣ୍ଡ ବ୍ୟବସ୍ଥା ରହିଥିବା ସେ ପ୍ରକାଶ କରିଥିଲେ। ମେଡିକାଲ କଲେଜ ଅଧୀକ୍ଷକ ପ୍ରଫେସର ନାୟକ ଡାକ୍ତରଖାନାରେ ସଂକ୍ରମଣ ବିସ୍ତାର ରୋକିବା ପାଇଁ କ'ଣ ପଦକ୍ଷେପ ନେବା ଜରୁରୀ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ।


କର୍ମଶାଳାକୁ ଉଦ୍ଘାଟନ କରାଯାଉଛି।

# ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର,୨୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ବିଜୟ କୁମାର ମିଶ୍ର ମାମଲାର ବିଚାର କରି ଅଭିଯୁକ୍ତ ଯଶିପୁର ଥାନା ଅଧୀନ ବଡ଼ପଣ୍ଡୁଗଣ୍ଡ ଗ୍ରାମର ଲିଟୁନ ରଣାଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ହୋଇଛି। ଅନ୍ୟପକ୍ଷେ ପିଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପାଟଣା ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀରେ ପଢ଼ୁଥିବା ନାବାଳିକାଙ୍କୁ ୨୦୨୧ ସେପ୍ଟେମ୍ବର ୧୨ରେ ଲିଟୁନ ଅପହରଣ କରି ନେଇଯାଇଥିଲେ। ପରିବାର ଲୋକ ନାବାଳିକାଙ୍କୁ ବହୁ ଖୋଜାଖୋଜି କରି ପାଇ ନ ଥିଲେ। ୨୦ ତାରିଖ ସନ୍ଧ୍ୟାରେ ଲିଟୁନ ନାବାଳିକାଙ୍କୁ ଗାଁ ମୁଣ୍ଡରେ ଛାଡ଼ି ପଳାଇଯାଉଥିବା ସମୟରେ ଲୋକେ ତାଙ୍କୁ କାବୁ କରିଥିଲେ। ଲିଟୁନ ବିବାହ ପ୍ରଲୋଭନ ଦେଖାଇ ନେଇଯାଇ ଭୁବନେଶ୍ୱରରେ ଭଉଣୀ ଘରେ ରଖି ତାଙ୍କୁ ବହୁବାର ବଳାତ୍କାର କରିଥିବା ପୀଡ଼ିତା ନାବାଳିକା ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପୀଡ଼ିତାଙ୍କ ବାପା ପାଟଣା ଥାନାରେ ଲିଖିତ ଅଭିଯୋଗ କରିବା ସହ ଲିଟୁନଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ ମାମଲା (ନଂ.୧୫୪/୨୧) ରୁଜୁ କରି ଅଭିଯୁକ୍ତ ଲିଟୁନଙ୍କୁ କୋର୍ଟଚାଲାଣ କରିଥିଲା। ୧୨ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି କୋର୍ଟ ଏହି ଦଣ୍ଡ ଶୁଣାଣି କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏଏପିର ବିକ୍ଷୋଭ


ଶୋଭାଯାତ୍ରାରେ ସାମିଲ ଏଏପିର କର୍ମୀ ଓ କର୍ମକର୍ତ୍ତାମାନେ।

କେନ୍ଦୁଝର,୨୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲ୍ଲା ତଥା ପୌରପାଳିକାର ସମସ୍ୟାକୁ ନେଇ ଆମ୍ ଆଦ୍ମୀ ପାର୍ଟି (ଏଏପି) ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୧୫ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଗତ ୨ ମାସ ମଧ୍ୟରେ ପୌରପାଳିକା ମଧ୍ୟରେ ଥିବା ଡେଲିମାର୍କେଟ, ଗାନ୍ଧୀ ଛକ ନିକଟରେ ଥିବା ପୌରପାଳିକା ମାର୍କେଟର ସମସ୍ୟା ତଥା ବର୍ଦ୍ଧିତ ହୋଲ୍ଡିଂ ଟିକସ କମାଇବା ନିମନ୍ତେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ମାତ୍ର ୨ ମାସ ବିତିଯାଇଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇନାହିଁ। ଫଳରେ ଜନସାଧାରଣଙ୍କୁ ସାଥୀରେ ନେଇ ଏଏପିର କାର୍ଯ୍ୟକର୍ତ୍ତାମାନେ ଧୋବଡିହା ଛକଠାରୁ ଏକ ବିଶାଳ ରାଲିରେ ବାହାରି ଗାନ୍ଧୀ ଛକ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ଯଦି ଭାଜପା ପ୍ରତିଶ୍ରୁତି ଦେଇଥିବା କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ ନ ହୁଏ ତେବେ ଧାରଣା ଦିଆଯିବ ବୋଲି ଜିଲା ସଭାପତି ମେଘନାଥ ମାଝୀ କହିଥିଲେ। ବିକ୍ଷୋଭ ସମାବେଶରେ ପାଟଣା ନିର୍ବାଚନ ମଣ୍ଡଳୀ ସଭାପତି ଖଗେଶ୍ୱର ମହାନ୍ତ, ରାଜ୍ୟ ପ୍ରଭାରୀ ବାନାମ୍ବର ସାହୁ, ଦାଶରଥି ମହାନ୍ତ, ଶୁଭଙ୍କର ମହାନ୍ତି, ଜୈନୁଲ ଆବେଡିନ, ସୁଧୀର କୁମାର ମହାନ୍ତ, ଦିପୁ ମହାନ୍ତ, ସନ୍ତୋଷ ବାରିକ, ପ୍ରୀତିଶ ହେମ୍ବ୍ରମ, ଚିତ୍ତରଞ୍ଜନ ନାଏକ, ବାସନ୍ତୀ ନାଏକ ଓ ସନାତନ ନାଏକ ପ୍ରମୁଖ ଯୋଗଦେଇଥିଲେ।

# ଗୋଚାଲାଣ ବେଳେ ଧରିଲା ପୋଲିସ

ଚମ୍ପୁଆ,୨୬।୧୧ (ମହେଶ୍ୱର ଦାସ)

ଚମ୍ପୁଆ ଥାନା ଅଧୀନ ରାମଲା ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଗୋଚାଲାଣ ବେଳେ ଏକ ପିକ୍ଅପ୍ ଗାଡ଼ିକୁ ପୋଲିସ ଧରିଛି। ଏଥିସହ ୨ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, କୌଣସି ସୂତ୍ରରୁ ଖବର ପାଇ ଆଇଆଇସି ଅବିନାଶ ପରିଡ଼ା ସଦଳବଳ ରାମଲା ମହିଳା ଯୁକ୍ତ ୨ କଲେଜ ରାସ୍ତାରେ ପିକ୍ଅପ୍ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୫ ଗୋରୁ ଥିବା ଜଣାପଡ଼ିଥିଲା। ଗୋରୁ ଚାଲାଣ ହେଉଥିବା ଜାଣିପାରି ପୋଲିସ ଉକ୍ତ ଗାଡ଼ିକୁ ଜବତ କରିଥିଲା। ଗାଡ଼ିରେ ଥିବା ମୟୂରଭଞ୍ଜ ଅଞ୍ଚଳର ମୋହନ ଚରଣ ଗିରି ଓ ତାଙ୍କ ସହଯୋଗୀ ନରସିଂହ ଚାତାରଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୩୦୦/୨୪) ରୁଜୁକରାଯାଇଛି। ଉଦ୍ଧାର ଗୋରୁଙ୍କୁ ବଡ଼ବିଲସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଥିବା ଆଇଆଇସି ପରିଡ଼ା କହିଛନ୍ତି।

# ଫଳକ ଅଛି, କମ୍ୟୁନିଟି ସେଣ୍ଟର ଚିହ୍ନବର୍ଣ୍ଣ ନାହିଁ

ଯୋଡ଼ା,୨୬।୧୧(ମାନସ ମହାନ୍ତି)

## ମିଥ୍ୟା ବିଲ୍‌ରେ ଅର୍ଥ ହଡ଼ପ ଅଭିଯୋଗ

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଚମକପୁର ପଞ୍ଚାୟତ ଅଧୀନ ଶଙ୍କରପୁର ଉପର ସାହିଠାରେ କମ୍ୟୁନିଟି ସେଣ୍ଟର ନିର୍ମାଣ ଲାଗି ଫଳକ ଲଗା ଯାଇଥିବା ବେଳେ ବାସ୍ତବରେ ଏହି କମ୍ୟୁନିଟି ସେଣ୍ଟରର ଚିହ୍ନବର୍ଣ୍ଣ ନ ଥିବା ପଞ୍ଚାୟତର ନାଏବ ସରପଞ୍ଚ ଅର୍ଜ୍ଜୁନ ବେହେରା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଆବଣ୍ଟନ ବେଳେ ଗ୍ରାମରେ ପଲ୍ଲୀସଭା କରାଯାଇଥିଲା। ସର୍ବ ସମ୍ମତି କ୍ରମେ ଶଙ୍କରପୁର ଉପର ସାହିଠାରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ପରେ ବ୍ଲକ ପକ୍ଷରୁ ଉକ୍ତ ସ୍ଥାନରେ ଫଳକ ନିର୍ମାଣ କରାଯାଇ କମ୍ୟୁନିଟି ସେଣ୍ଟର ପାଇଁ ସୂଚନା ପ୍ରଦାନ କରାଯାଇଥିଲା। କିନ୍ତୁ ସେଠାରେ କମ୍ୟୁନିଟି ସେଣ୍ଟର ନିର୍ମାଣ ହୋଇ ନ ଥିଲା। ଏ ବାବଦରେ ନାଏବ ସରପଞ୍ଚ ବେହେରା ସୂଚନା ଅଧିକାର ଆଇନ ବଳରେ ମାଗିଥିବା ତଥ୍ୟ ଅନୁଯାୟୀ, ପ୍ରାୟ ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କମ୍ୟୁନିଟି ସେଣ୍ଟର ନିର୍ମାଣ ଶେଷ ହୋଇଛି। ଗୃହ ନିର୍ମାଣ ନ ହୋଇ ବିଲ୍ ପୈଠ ହୋଇଯାଇଛି। ମିଥ୍ୟା ବିଲ୍ କରି ସରକାରୀ ଅର୍ଥ ଆତ୍ମସାତ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ସରକାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହାର ତଦନ୍ତ କରନ୍ତୁ ବୋଲି ନାଏବ ସରପଞ୍ଚ ଦାବି କରିଛନ୍ତି ।


କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଲାଗିଥିବା ଫଳକ।

ଏ ସମ୍ପର୍କରେ ଯୋଡ଼ା ବିଡିଓ ଅରୁଣିମା ସାହୁଙ୍କୁ ପଚାରିବାରୁ କମ୍ୟୁନିଟି ସେଣ୍ଟର ପରିବର୍ତ୍ତେ ସେଠାକାର ଗ୍ରାମବାସୀ ଏକ ସଙ୍କୀର୍ତ୍ତନ ମଣ୍ଡପ କରିବା ପାଇଁ କହିଥିଲେ। ବ୍ଲକ ପକ୍ଷରୁ ଏହା ନିର୍ମାଣ କରାଯାଇଛି। ଏଥିରେ କୌଣସି ଅନିୟମିତତା ହୋଇନାହିଁ ବୋଲି କହିଛନ୍ତି।

# ଧାନର ମାନ ସମ୍ପର୍କିତ ସଚେତନତା ପାଇଁ ବୁଲିଲା ରଥ



ଚମ୍ପୁଆ,୨୬।୧୧ (ମହେଶ୍ୱର ଦାସ)

ଧାନ ବିକ୍ରି ପାଇଁ ସାଧାରଣ ହାରାହାରି ମାନ ନିର୍ଦ୍ଧାରଣ ନିମନ୍ତେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ୩ଟି ରଥ ପଞ୍ଚାୟତ ପରିକ୍ରମା କରି ଚାଷୀଙ୍କୁ ସଚେତନ କରାଇବ। ଏଫ୍ଏକ୍ୟୁ ମାନର ଧାନ କ୍ରୟ, ଚାଷୀମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ ୨୪ରୁ ୪୮ ଘଣ୍ଟା ମାଧ୍ୟମରେ ଧାନର ମୂଲ୍ୟ ବ୍ୟାଙ୍କ ଖାତାକୁ ଯିବାର ବ୍ୟବସ୍ଥା, ପଞ୍ଜୀକରଣ ସମୟରେ ଚାଷୀ ଉଲ୍ଲେଖ କରିଥିବା ପରିଚୟପତ୍ର ଧାନ କ୍ରୟ କେନ୍ଦ୍ରକୁ ସାଙ୍ଗରେ ଆଣିବା, ୭ ଦିନ ପୂର୍ବରୁ ଚାଷୀଙ୍କୁ ମୋବାଇଲ ନମ୍ବର ମାଧ୍ୟମରେ ସୂଚିତ କରାଯିବ। ଧାନକୁ ପରିଷ୍କାର କରି ବିକିବାକୁ ଚାଷୀଙ୍କୁ ସଚେତନ କରାଯିବ। ଏହି ରଥ ଉଦ୍‌ଘାଟନ ଅବସରରେ ଏସିଏସ୍ଓ ମଙ୍ଗଲ ସିଂ, କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନ, ବ୍ଲକ ମତ୍ସ୍ୟ ଅଧିକାରୀ ଅଖିଳ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ମୟୂରଭଞ୍ଜ

# କେନ୍ଦୁଆ ପଞ୍ଚାୟତ ଗୃହ ଶିଳାନ୍ୟାସକୁ ବିରୋଧ

ବୈଶିଙ୍ଗା,୨୬।୧୧(ରତନ ଦାଶ)

ବେତନଟୀ ବ୍ଲକ ଅଧୀନ କେନ୍ଦୁଆ ପଞ୍ଚାୟତ କାର୍ଯ୍ୟାଳୟ ନୂତନ ଗୃହ ଶିଳାନ୍ୟାସକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମସଭାରେ ସ୍ଥାନ ନିରୁପଣ ପାଇଁ ସିଦ୍ଧାନ୍ତ ନିଆ ନ ଯାଇ ଗତ ୨୨ତାରିଖରେ ସ୍ଥାନୀୟ ବିଧାୟକ ସନାତନ ବିଜୁଲିଙ୍କ ଦ୍ୱାରା ବୈଶିଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯିବାରୁ ୯ଟି ୱାର୍ଡର ଲୋକେ ମେଳି ହୋଇ ବିରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଲୋକଙ୍କ ସୁବିଧା ଦୃଷ୍ଟିରୁ ବୃହତ ପଞ୍ଚାୟତ ବୈଶିଙ୍ଗାକୁ ଭାଙ୍ଗି କେନ୍ଦୁଆ ନାମରେ ଏକ ନୂତନ ପଞ୍ଚାୟତ ସୃଷ୍ଟି କରାଯାଇଥିଲା ।କେନ୍ଦୁଆ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ବୈଶିଙ୍ଗା ପଞ୍ଚାୟତର ପୁରୁଣା କାର୍ଯ୍ୟାଳୟରେ କେନ୍ଦୁଆ କାର୍ଯ୍ୟାଳୟ ଚାଲି ଆସୁଛି। ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁରୀ ମିଳିବା ପରେ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପତ୍ର ସଂ ୫୧୮/୧୩।୨।୨୦ ବଳରେ ବାରିପଦା ଉପ ଜିଲାପାଳଙ୍କ ସହିତ ଯୁଗ୍ମ କମିଟି ଗଠନ କରାଯାଇ ମୋହନପୁରଠାରେ ଖାତା ନଂ. ୧୩୦ ଓ ପ୍ଲଟ ନଂ. ୨୭୫ରେ ଗୃହ ନିର୍ମାଣ କରାଯିବା ବୋଲି ସିଦ୍ଧାନ୍ତ ନିଆଯାଇଥିଲା । ଏହା ପରେ ୩୦।୭।୨୦ରିଖରେ ସ୍ୱତନ୍ତ୍ର ପଲ୍ଲୀସଭା ଡକାଯାଇ ଏହି ଜମିଟି ଜଙ୍ଗଲ କିସମ ଥିବାରୁ ଘରବାରିରେ ପରିବର୍ତ୍ତନ କରାଯିବା ପାଇଁ ସିଦ୍ଧାନ୍ତ ନିଆଯାଇ ରାଜସ୍ୱ ବିଭାଗକୁ ଅନୁରୋଧ କରାଯାଇଥିଲା। ପଲ୍ଲୀସଭା ପରେ ୧୮।୧୧।୨୦ରିଖ ଗ୍ରାମସଭାରେ ମଧ୍ୟ ଅନୁମୋଦନ କରାଯିବା ସହିତ ପ୍ରସ୍ତାବ ପାରିତ କରାଗଲା। ମାତ୍ର କେତେକ ରାଜନୈତିକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତ ଯୋଗୁ ଭିନ୍ନ ଭିନ୍ନ ସ୍ଥାନରେ ଜାଗା ନିରୂପଣ କରାଯାଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରାଗଲା। ଯାହା ଫଳରେ ୬ ବର୍ଷ ପରେ ମଧ୍ୟ ସର୍ବସମ୍ମତିକ୍ରମେ ସ୍ଥାନ ନିରୁପଣ ହୋଇପାରି ନାହିଁ କିମ୍ବା ଗୃହ ନିର୍ମାଣ ମଧ୍ୟ ହୋଇପାରିନାହିଁ ।


ଶିଳାନ୍ୟାସକୁ ବିରୋଧ କରି ଏକାଠି ହୋଇଥିବା ଲୋକେ।

## ମେଳି ହେଲେ ୯ ୱାର୍ଡ ବାସିନ୍ଦା

ଏଥିପାଇଁ ତତ୍କାଳୀନ ସରପଞ୍ଚ ସ୍ନିଗ୍ଧାରାଣୀ ହାଁସଦାଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲାପାଳଙ୍କୁ ୧୮।୧୧।୨୧ ରିଖରେ ଏକ ଦାବିପତ୍ର ଦିଆଯିବା ପରେ ପ୍ରକଳ୍ପ ନିର୍ଦ୍ଦେଶକ, ଉପ ଜିଲାପାଳ ଓ ପଞ୍ଚାୟତ ଅଧିକାରୀଙ୍କ ଦ୍ୱାରା ଆଉଥରେ ଯୁଗ୍ମ କମିଟି ଗଠନ କରାଯାଇ ବିଧିବଦ୍ଧ ଭାବେ ସ୍ଥାନ ନିରୁପଣ କରାଯିବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କେନ୍ଦୁଆ ପଞ୍ଚାୟତ କାର୍ଯ୍ୟାଳୟକୁ ଜଣାଇ ଦିଆଗଲା । ମାତ୍ର ଏ ସଂକ୍ରାନ୍ତରେ କୌଣସି ଗ୍ରାମସଭାରେ ସ୍ଥାନ ନିରୁପଣ ପାଇଁ ସିଦ୍ଧାନ୍ତ ନିଆ ନ ଯାଇ ଗତ ୨୨।୧୧।୨୪ ତାରିଖରେ ସ୍ଥାନୀୟ ବିଧାୟକ ବିଜୁଳିଙ୍କ କରକମଳରେ ବୈଶିଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କେନ୍ଦୁଆ ପଞ୍ଚାୟତ ନୂତନ ଗୃହ ନିର୍ମାଣ ପାଇଁ ଭୂମିପୂଜା କରାଗଲା । ଏଭଳି ଏକଛତ୍ରବାଦ ଓ ମନମାନୀ କାର୍ଯ୍ୟକୁ ବିରୋଧ କରି ମୋହନପୁରଠାରେ ୯ଟି ୱାର୍ଡର ୱାର୍ଡ ସଭ୍ୟଙ୍କ ସହିତ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ପୂର୍ବ ନିର୍ଦ୍ଧାରିତ ସ୍ଥାନ ମୋହନପୁରଠାରେ ନୂତନ ପଞ୍ଚାୟତ ଗୃହ ନିର୍ମାଣ କରାଯିବା ପାଇଁ ଦାବି କରିଛନ୍ତି। ବିଧାୟକଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ସ୍ଥାନଟି ୬ କି.ମି.ଦୂର ହେବା ଯୋଗୁ ରାଶନ ଚାଉଳ ଆଣିବା, ବୃଦ୍ଧାବୃଦ୍ଧମାନଙ୍କୁ ଭତ୍ତା ଆଣିବା ବହୁ କଷ୍ଟକର ହେବ ବୋଲି ଅଭିଯୋଗ କରାଯାଇଛି। ଏଥି ସହିତ ଯେଉଁ ଉଦ୍ଦେଶ୍ୟରେ ଏକ ବଡ଼ ପଞ୍ଚାୟତକୁ ଭାଙ୍ଗି ନୂତନ ପଞ୍ଚାୟତ ସୃଷ୍ଟି କରାଗଲା ତା'ର ଉଦ୍ଦେଶ୍ୟ ମଧ୍ୟ ସାଧିତ ହୋଇ ପାରିବନାହିଁ। ଏହି ସବୁ ଦୃଷ୍ଟିରୁ ପୂନର୍ବାର ସ୍ଥାନ ନିରୁପଣ କରାଯାଇ ଗୃହ ନିର୍ମାଣ କରାଗଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି।

# ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା


ଧାରଣାରେ ବସିଥିବା ମହିଳା କର୍ମଚାରୀମାନେ।

ମୋରଡ଼ା,୨୬।୧୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡାସ୍ଥିତ ବ୍ଲକ କାର୍ଯ୍ୟାଳୟ ଆଗରେ କାର୍ଯ୍ୟରତ ସିଏସ୍ଏସ୍ ମହିଳା କର୍ମଚାରୀମାନେ ଧାରଣାରେ ବସିଛନ୍ତି। ସୂଚନା ମୁତାବକ, ସିଏସ୍ଏସ୍ କାର୍ଯ୍ୟରତ ମହିଳା ଯଥା ୧୮ ଜଣ ଏମବିକେ, ୭ ଜଣ ବ୍ୟାଙ୍କ ମିତ୍ର, ୩୬ ଜଣ ସିଆର୍‌ପି ସିଏମ, ୩୧ ଜଣ କୃଷି ମିତ୍ର,୧୮ ଜଣ ପ୍ରାଣୀ ମିତ୍ର କର୍ମଚାରୀ ୨୦୨୩ ଏପ୍ରିଲରୁ ଆଠ ମାସ ହେଲା ପାରିଶ୍ରମିକ ପାଇ ନାହାନ୍ତ। ସେହିପରି ୧୮ ଜଣ ଏମବିକେ, ୭ ଜଣ ବ୍ୟାଙ୍କ ମିତ୍ର, ୨୫ ଜଣ କୃଷି ମିତ୍ର, ୧୮ ଜଣ ପ୍ରାଣୀ ମିତ୍ର, ୬ ଜଣ ସିଆର୍‌ପି ସିଏମ ବିଗତ ବର୍ଷର ବର୍ଦ୍ଧିତ ଦରମା ମଧ୍ୟ ପାଇ ନାହାନ୍ତି । ଫଳରେ ଦୀର୍ଘ ଦିନ ଧରି ଦୈନନ୍ଦିନ ଜୀବନରେ ଆର୍ଥିକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ବୋଲି କର୍ମଚାରୀ ସ୍ନେହଲତା ଧଳ, ବିଜୟିନୀ ମହାନ୍ତ, ସୁବର୍ଣ୍ଣ ମହାନ୍ତ, ନମିତା ରାଜ, ଜ୍ୟୋସ୍ନା ବେହେରା, ନିବେଦିତା ମହାନ୍ତ, କଳାବତୀ ସିଂ, ଆରତୀ ମହାନ୍ତ, ଜ୍ୟୋସ୍ନାମଣି ପାତ୍ର ଏବଂ ଅନ୍ୟମାନେ କହିଛନ୍ତି। ତେବେ ଏବାବଦରେ ଚଳିତ ମାସ ୨୦ ତାରିଖରେ ଲିଖିତ ଭାବେ ମୋରଡା ବିଡ଼ିଓଙ୍କୁ ଏକ ଦାବିପତ୍ର ଦିଆ ଯାଇଥିଲା । ୭ ଦିନ ମଧ୍ୟରେ ପାରିଶ୍ରମିକ ନ ମିଳିଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା ।

# ଏମ୍‌କେସି ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବୈଠକ


ବୈଠକରେ ଉପସ୍ଥିତ ପୁରାତନ ଛାତ୍ର ସଂସଦର ସଦସ୍ୟମାନେ।

ବାରିପଦା,୨୬।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସର୍ବପୁରାତନ ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ(ଏମ୍‌କେସି ହାଇସ୍କୁଲ) ପୁରାତନ ଛାତ୍ର ସଂସଦର କାର୍ଯ୍ୟନିର୍ବାହୀ ବୈଠକ ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟସ୍ତରରେ ଫୁଟବଲ ଖେଳକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଛାତ୍ର ସଂସଦ ଆନୁକୂଲ୍ୟରେ ଆଗାମୀ ଡିସେମ୍ବର ୧୦ ଓ ୧୧ ତାରିଖ ଦୁଇଦିନ ଧରି କନିଷ୍ଠ ବର୍ଗରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଏବଂ ବରିଷ୍ଠ ବର୍ଗରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆଗାମୀ ୧୪ ତାରିଖ ଦିନ ଚୂଡାନ୍ତ ଖେଳ ଅନୁଷ୍ଠିତ ହୋଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏଥି ସହିତ ପ୍ରତ୍ୟେକ ଖେଳାଳିଙ୍କୁ ଜର୍ସି ଓ ମାନପତ୍ର ମଧ୍ୟ ପ୍ରଦାନ କରାଯିବ। ପୁରାତନ ଛାତ୍ର ସଂସଦର ବାର୍ଷିକ ଅଧିବେଶନ ଆଗାମୀ ଡିସେମ୍ବର ୨୯ ତାରିଖରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ସଂସଦର ସମ୍ପାଦକ ରଞ୍ଜନ ବାନାର୍ଜୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଉପସଭାପତି ଅକ୍ଷୟ କୁମାର ଅଗ୍ରୱାଲା ଧନ୍ୟବାଦ ଦେଇଥିଲେ।

# ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନେଇ ଚାଲିଛି ସ୍ୱାସ୍ଥ୍ୟସେବା

ବାରିପଦା,୨୬।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟରେ ୭ ଦିନ ହେଲା ଅଲଟ୍ରା ସାଉଣ୍ଡ ମେଶିନ ଅଚଳ ହୋଇ ପଡ଼ିଥିବାରୁ ରୋଗୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଶହ ଶହ ରୋଗୀ ଅଲଟ୍ରା ସାଉଣ୍ଡ କରି ନ ପାରି ନିରାଶରେ ଫେରୁଛନ୍ତି। ଏପରିକି ବେସରକାରୀ ସଂସ୍ଥାରୁ ଅଲଟ୍ରା ସାଉଣ୍ଡ କରି ଖର୍ଚ୍ଚାନ୍ତ ହେଉଥିବାରୁ ଅସନ୍ତୋଷ ତେଜିବାରେ ଲାଗିଛି। ଏନେଇ ପିଆର୍‌ଏମ୍ ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ। ମେଶିନ ପ୍ରଦାନକାରୀ ସଂସ୍ଥାକୁ ଅବଗତ କରାଯାଇଥିଲେ ହେଁ ଅଦ୍ୟାବଧି ମରାମତି ହୋଇପାରୁ ନାହିଁ କିମ୍ବା ନୂଆ ମେଶିନ ଲଗାଯାଇପାରୁ ନାହିଁ। ଏନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୋସିଆଲ ମିଡିଆରେ ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରିଛନ୍ତି। ଅନ୍ୟ ପକ୍ଷରେ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ବାରିପଦାସ୍ଥିତ ଜିଲା ମୁଖ୍ୟାଳୟରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ସାଧାରଣ ବିଭାଗ ରେଡିଓଲୋଜି ଡାଇଗ୍ନୋସିସ ସେଣ୍ଟରରେ ରୋଗୀମାନଙ୍କ ନିମନ୍ତେ ନିଶୁଳ୍କ ଅଲଟ୍ରା ସାଉଣ୍ଡ ବ୍ୟବସ୍ଥା ରଖାଯାଇଛି। ଏଥିରେ ପ୍ରତିଦିନ ୧୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ପରୀକ୍ଷା ନୀରିକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥାଏ । ମାତ୍ର ଯାନ୍ତ୍ରିକ ତ୍ରୁଟି ଯୋଗୁ ୭ ଦିନ ହେଲା ରୋଗୀମାନେ ଅଲଟ୍ରା ସାଉଣ୍ଡରୁ ବଞ୍ଚିତ ରହି ହନ୍ତସନ୍ତ ହେଉଛନ୍ତି। ଏପରିକି ରୋଗୀଙ୍କ ସମ୍ପର୍କୀୟମାନେ ବେସରକାରୀ ସଂସ୍ଥାରୁ ଅଲଟ୍ରା ସାଉଣ୍ଡ ରିପୋର୍ଟ ସଂଗ୍ରହ କରି ଡାକ୍ତରଙ୍କୁ ଦେଖାଇବାକୁ ବାଧ୍ୟ ହେଉଛନ୍ତି। ତେବେ ବେସରକାରୀ ସଂସ୍ଥାରେ ବିଶେଷଜ୍ଞଙ୍କ ବ୍ୟତିତ ଅଣତାଲିମପ୍ରାପ୍ତ କର୍ମଚାରୀମାନଙ୍କ ଅଲଟ୍ରା ସାଉଣ୍ଡ ରିପୋର୍ଟକୁ ବିଶ୍ୱାସକୁ ନେଇ

## ୭ ଦିନ ହେଲା ଅଲଟ୍ରା ସାଉଣ୍ଡ ମେଶିନ ଅଚଳ

ଡାକ୍ତରମାନେ ରୋଗୀଙ୍କ ଚିକିତ୍ସା କରୁଥିବା ଜଣାପଡ଼ିଛି। ସେହିପରି ଡାକ୍ତରଖାନାରୁ ରୋଗୀମାନଙ୍କୁ ଷ୍ଟ୍ରେଚର ଓ ଅଟୋ ରିକ୍ସାରେ ନେଇ ବଜାରରେ ଥିବା ବେସରକାରୀ ସଂସ୍ଥାରେ ପହଞ୍ଚାଇ ଅଲଟ୍ରା ସାଉଣ୍ଡ କରିବାରେ ନାକେଦମ ହେବାକୁ ପଡୁଛି । ଏପରିକି ଚାରି ମହଲାରୁ ରୋଗୀଙ୍କୁ ନେବା ଆଣିବା କରିବାରେ ସ୍ୱାସ୍ଥ୍ୟବସ୍ଥା ଅଧିକ ବିଗିଡୁଛି ବୋଲି ସମ୍ପର୍କୀୟ ଲକ୍ଷ୍ମୀଧର ମହାନ୍ତ, ଲକ୍ଷ୍ମଣ ହାଁସଦା ଓ ଚିତ୍ତରଞ୍ଜନ ମହାନ୍ତ କହିଛନ୍ତି। ବାଙ୍ଗିରିପୋଷି ଅଞ୍ଚଳର ଗୌର ମୋହନ ସିଂ କୁହନ୍ତି, ୪ ଦିନ ହେଲା ସ୍ତ୍ରୀର ଅଲଟ୍ରା ସାଉଣ୍ଡ କରିବାକୁ ଆସି ଦିନ ତମାମ ବସି ରହୁଛି। ମେଶିନ ଖରାପ ଅଛି ବୋଲି କର୍ମଚାରୀମାନେ କହୁଥିବା ବେଳେ ଡାକ୍ତରଖାନା କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଫଳରେ ୮୦୦ ଟଙ୍କା ଖର୍ଚ୍ଚ କରି ବାହାରୁ ରିପୋର୍ଟ ଆଣି ଡାକ୍ତରଙ୍କୁ ଦେଖାଇଛି। ସେହିପରି ମୋରଡ଼ା ବ୍ଲକ ପୁଟକିଶୋଳ ଗ୍ରାମର ତାରାକାନ୍ତ ପାଟବନ୍ଧା କୁହନ୍ତି, ମହିଳା ଓ ଶିଶୁ ରୋଗ ବିଭାଗରେ ଏକ ଅଲଟ୍ରା ସାଉଣ୍ଡ ମେଶିନ ରହିଥିବା ସତ୍ତ୍ୱେ ରୋଗୀଙ୍କ ପରୀକ୍ଷା କରିବାକୁ ଦିଆଯାଉ ନାହିଁ। କେବଳ ଗର୍ଭବତୀ ଓ ଶିଶୁଙ୍କ ଅଲଟ୍ରା ସାଉଣ୍ଡ ବ୍ୟତିତ ଅନ୍ୟ ରୋଗୀମାନଙ୍କ ପରୀକ୍ଷା କରିବାର ସୁଯୋଗ ନାହିଁ ବୋଲି କହିବାରୁ ରୋଗୀ ଏବେ ନିରୁପାୟ ହୋଇପଡ଼ିଛନ୍ତି । ଏପରକି ଜିଲାରେ ସ୍ୱାସ୍ଥ୍ୟସେବା ବିଗିଡି ଯାଇଥିବାରୁ ସମ୍ପର୍କୀୟମାନେ ରୋଗୀଙ୍କୁ କଟକ ନେଇଯିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ଡାକ୍ତରମାନେ ଅଲଟ୍ରା ସାଉଣ୍ଡ କରିବାକୁ ନିର୍ଦ୍ଦେଶ ଦେଉଥିବା ବେଳେ କର୍ମଚାରୀ ଅଭାବ ଯୋଗୁ ଏହି ପରୀକ୍ଷା ହେବାରେ ବାଧା ଉପୁଜିଛି।

ଏନେଇ ପିଆର୍‌ଏମ୍ ମେଡିକାଲର ଡିଏନ୍ ଡା. ପ୍ରତିଭା ପଣ୍ଡାଙ୍କୁ ପଚାରିବାରୁ ମେଡିକାଲ କଲେଜ ଓ ଜିଲା ମୁଖ୍ୟାଳୟର ଦୁଇଟି ମେଶିନ ଖରାପ ହୋଇପଡ଼ିଛି। ମେଶିନ ଯୋଗାଇଥିବା ସଂସ୍ଥାକୁ ସଜାଡ଼ିବା ପାଇଁ ଅବଗତ କରାଯାଇଛି। ଟେକ୍ନିସିଆନମାନେ ଆସି ମେଶିନ ମରାମତି କାର୍ଯ୍ୟ କରୁଛନ୍ତି। ସେହିପରି ପିଆର୍‌ଏମ୍ ମେଡିକାଲରେ ସ୍ଥାୟୀ କର୍ମଚାରୀ ଅଭାବରୁ ଚିକ୍ତିଭିତ୍ତିକ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ସମ୍ପାଦନ କରାଯାଉଛି। ଏ ନେଇ ଜିଲା ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବେସରକାରୀ ସଂସ୍ଥାରୁ ରିପୋର୍ଟକୁ ଡାକ୍ତରମାନେ ଦେଖିବାକୁ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଚିଠି ମାଧ୍ୟମରେ ଅବଗତ କରିଛନ୍ତି ବୋଲି ସେ କହିଛନ୍ତି। ତେବେ ରୋଗୀମାନେ ଅର୍ଥ ଦଣ୍ଡ ସହି ଅଣତାଲିମପ୍ରାପ୍ତ କର୍ମଚାରୀଙ୍କ ଅଲଟ୍ରାସାଉଣ୍ଡକୁ ଗ୍ରହଣ କରି ପରୀକ୍ଷା କରାଇବା କେତେ ଦୂର ଯଥାର୍ଥ ତାହାକୁ ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ଯଦି ତୁରନ୍ତ ସମସ୍ୟାର ସମାଧାନ କରା ନ ଯାଏ ତେବେ ଆସନ୍ତା ୪ ତାରିଖ ଦିନ ଭଞ୍ଜସେନା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ସଂକ୍ଷେପରେ

### ପଥର ବୋଝେଇ ଡମ୍ପର ଜବତ, ୩ ଡ୍ରାଇଭର ଗିରଫ

ସୋର, ୨୬।୧୧(ଜନ୍ମେଜୟ ମିଶ୍ର)

ସୋର ପୋଲିସ ପକ୍ଷରୁ ବରଫକଳ ଛକ ଓ ଦହିସଡାଠାରେ ୩ଟି ବେଆଇନ ପଥର ବୋଝେଇ ଡମ୍ପର ଜବତ କରାଯିବା ସହିତ ୩ ଡ୍ରାଇଭରଙ୍କୁ କୋର୍ଟଚାଲାଣ କରାଯାଇଛି। ବରଫକଳ ଛକ ନିକଟରେ ଦୁଇଟି ଡମ୍ପର (ନଂ. ଓଡି ୦୧ ଡବ୍ଲ୍ୟୁ ୪୬୭୯ ଏବଂ ଓଆର ୧୪ବ୍ୟୁ୦୯୯୫) ବାଗୁଡିରୁ ପଥର ବୋଝେଇ କରି ସୋର ଅଭିମୁଖେ ଆସୁଥିବା ବେଳେ ଜବତ କରାଯାଇଛି। ଥାନାଧିକାରୀ ପ୍ରଭାଶୁ ଶେଖର ମିଶ୍ର ଗାଡିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିବା ପରେ ଏହି ପଥର ବେଆଇନ ଭାବେ ଚାଲାଣ ହେଉଥିବା ଜାଣିପାରି ଗାଡିକୁ ଥାନାକୁ ଆଣିବା ସହିତ ଏହାର ଡ୍ରାଇଭର କାଳନ୍ଦୀପାଟଣା ଗ୍ରାମର ଅନାମ ବେହେରା ଓ ପ୍ରଧାନପଡା ଗ୍ରାମର ଜଗନ୍ନାଥ ସାମଲଙ୍କୁ ଗିରଫ କରାଯାଇଛି। ସୋର ଥାନାରେ ଏକ ମାମଲା(ନଂ. ୯୮୦/୨୪) ରୁଜୁ କରାଯାଇଛି। ସେହିପରି ଜାତୀୟ ରାଜପଥ ଦହିସଡାଠାରେ ଏକ ବୋଲଡର ବୁଝାଇ ଡମ୍ପର (ନଂ. ଓଆର୦୪ଆର୍ ୪୪୪୫) ଜବତ କରାଯାଇ ଡ୍ରାଇଭର ଅନିରୁଦ୍ଧ ନାୟକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଉଛି। ଏହାର କେସ୍ ନଂ. ୯୮୪/୨୪।

### ଆରମ୍ଭ ହେଲା ଅଞ୍ଚି ଲୋକ ମହୋତ୍ସବ

ବାହାନଗା, ୨୬।୧୧(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଅଞ୍ଚିରେ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଭଦ୍ରକର ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସାହାସପୁରା ପଞ୍ଚାୟତର ନେତା ସୁଶାନ୍ତ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ ତପନ ରାଉତ ଅତିଥିପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ସାହାସପୁରା ସରପଞ୍ଚ ତ୍ରିଲୋଚନ ସେଠୀ, ଜିଲାପରିଷଦ ସଭ୍ୟା ବିନପ୍ରଭା ଶିଅଳ, ଅନ୍ନପୂର୍ଣ୍ଣା ଜେନା, ମଧୁସୂଦନ ଶିଅଳ,ଅନନ୍ତ କର ପ୍ରମୁଖ ଯୋଗ ଦେଇଥିଲେ। ଏହି ମହୋତ୍ସବ ୧୨ ଦିନ ଧରି ଚାଲିବ।

### ବର୍ତ୍ତନା ସେବା ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟିତ

ଖଇରା, ୨୬।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ସେବା ସମବାୟ ସମିତିର ନୂତନ ଗୃହ ସୋମବାର ଉଦ୍‌ଘାଟିତ ହୋଇଛି। ପରିଚାଳନା ବୋର୍ଡ ସଭାପତି ନିରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରତିମାରାଣୀ ରାୟ, ରଘୁନାଥ ପଣ୍ଡା, ନୀଳିମାପ୍ରିୟଦର୍ଶିନୀ ସ୍ୱାଇଁ, ରଞ୍ଜିତ ମହାନ୍ତି, ଗୌରୀ ମହାପାତ୍ର, ସୁଧାକର ଦାସ, କୀଳାସ ସେଠୀ, ରତିକାନ୍ତ ସାହୁ, ଆରତୀ ନନ୍ଦ, ଶରତ ସ୍ୱାଇଁ, ସନାତନ ସାହୁ, ସୁବାସ ଦାସ, ଶିଶିର ବେହେରା, ଜଗବନ୍ଧୁ ରାଉଳ, ସରପଞ୍ଚ ପ୍ରତିନିଧି ହେମରଞ୍ଜନ ସାହୁ, ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଅକ୍ଷୟ କୁମାର ରାଉତ ଓ ଗିରିଧାରୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ମହିଳାଙ୍କ ବେକରୁ ସୁନାଚେନ ଲୁଟ୍, ଥାନାରେ ଅଭିଯୋଗ

ସୋର, ୨୬।୧୧(ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ କମରପୁରଠାରେ ଜଣେ ମହିଳାଙ୍କ ବେକରୁ ଏକ ସୁନାଚେନ ସହ ମଙ୍ଗଳସୂତ୍ର ଲୁଟ୍ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ନଦୀଗାଁ କୁଡ଼େଇ ଗ୍ରାମର ପୁଷ୍ପଲତା ସାହୁ ତାଙ୍କ ଶ୍ୱଶୁର ଘର ବରଜଦେଉଳିରୁ ସ୍କୁଟି ଯୋଗେ ବାପା ଘରକୁ ଆସୁଥିଲେ। ଏକ କଳାରଙ୍ଗର ପଲସର ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରେ ପିନ୍ଧିଥିବା ସୁନାଚେନ ଓ ମଙ୍ଗଳସୂତ୍ରକୁ ଝାମ୍ପି ନେଇ ପଳାଇଯାଇଥିଲେ। ପୁଷ୍ପଲତା ସ୍କୁଟିରୁ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରିବା ପରେ ସେ ସୋର ଥାନାରେ ଅଭିଯୋଗ କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା

ଯୋଡ଼ା,୨୬।୧୧(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଅସେଇଁକଳା ଗ୍ରାମ ନିକଟସ୍ଥ ଜାମ କୁଣ୍ଡିଆଠାରେ ଜଣେ ଯୁବକ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଜାମ କୁଣ୍ଡିଆ ଅଞ୍ଚଳର ଗୁରୁ ମହାକୁଡ଼(୩୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସରୁନି ଡୁବଡୁବି ନଦୀ ପୋଲ ନିର୍ମାଣ

■ ଠିକା ସଂସ୍ଥାର ଚୁକ୍ତିନାମା ରଦ୍ଦ
■ ବଳକା କାର୍ଯ୍ୟ ପାଇଁ ହେବ ନୂତନ ଟେଣ୍ଡର ଆହ୍ୱାନ

ବାଲେଶ୍ୱର, ୨୬।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ନିର୍ବାଚନମଣ୍ଡଳୀର ସାର୍ଥା ଓ କଷାଫଳ ପଞ୍ଚାୟତ ମଧ୍ୟରେ ଥିବା ଡୁବୁଡୁବି ନଦୀର ସାହୁଘାଟଠାରେ ନିର୍ମାଣାଧୀନ ପୋଲ ସମ୍ପୂର୍ଣ୍ଣ ହୋଇପାରୁନି। ୨୦୧୭-୧୮ରୁ ଦୀର୍ଘ ୬ବର୍ଷ ଧରି ଦୁଇଟି ଠିକାସଂସ୍ଥା ପକ୍ଷରୁ ନିର୍ମାଣ କାର୍ଯ୍ୟ ହୋଇଥିଲେ ହେଁ ଶହେ ଫୁଟ୍ ଲମ୍ବର ଏହି ପୋଲର ଦୁଇଟି ପିଲରର ନିର୍ମାଣ କାର୍ଯ୍ୟ ମଧ୍ୟ ସରିନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏହି ପୋଲ ପାଇଁ ୫କୋଟି ଟଙ୍କାର ଟେଣ୍ଡର ହୋଇଥିଲା। ଏହି ପୋଲ ନିର୍ମାଣ ଦ୍ୱାରା ବାଲେଶ୍ୱର ସଦର ବ୍ଲକ ଓ ବାଲିଆପାଳ ବ୍ଲକ ମଧ୍ୟରେ ଗମନାଗମନ ସୁଗମ ହେବା ସହ ଜିଲା ସଦର ମହକୁମାକୁ ୩୦କି.ମି. ଦୂରତା କମ୍ ହେବ। ପୋଲ ନିର୍ମାଣ ହୋଇପାରୁ ନ ଥିବାରୁ ସ୍ଥାନୀୟ ଲୋକେ ବିପଦଜନକ ଅବସ୍ଥାରେ ଏହି ନଦୀକୁ ଡଙ୍ଗାରେ ପାରି ହୋଇ ଯାତାୟାତ କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ବିଧାୟକ ମାନସ କୁମାର ଦତ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମଙ୍ଗଳବାର ବିଧାନସଭାରେ ବିଧାୟକ ଦତ୍ତ ପୋଲ ନିର୍ମାଣରେ ଉଦାସୀନତା ପ୍ରଦର୍ଶନ କରୁଥିବା ଠିକାସଂସ୍ଥା ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ବିଭାଗ ପକ୍ଷରୁ ପୋଲ ସମ୍ପୂର୍ଣ୍ଣ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଥିଲେ।

ଏହି ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ସେତୁ ବନ୍ଧନ ଯୋଜନାରେ ଡୁବୁଡୁବି ନଦୀ ଉପରେ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେବାରୁ ସମ୍ପୃକ୍ତ ଠିକା ସଂସ୍ଥାକୁ ବିଭିନ୍ନ ସମୟରେ କାରଣ ଦର୍ଶାଅ ନୋଟିସ ଜାରି ସହ ଚୁକ୍ତିନାମାକୁ ୨ଥର ରଦ୍ଦ କରାଯାଇଥିଲା। ପରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ସମ୍ପୃକ୍ତ ଠିକାସଂସ୍ଥାକୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ପୁନର୍ବାର ଅନୁମତି ଦିଆଯାଇଥିଲା। ମାତ୍ର ପୁନର୍ବାର ନିର୍ମାଣ କାର୍ଯ୍ୟକୁ ବିଳମ୍ବିତ କରିବା ଅଭିଯୋଗରେ ଠିକାସଂସ୍ଥାର ଚୁକ୍ତିନାମାକୁ ଗତ ନଭେମ୍ବର ୧୩ ତାରିଖରେ ରଦ୍ଦ କରାଯାଇଛି। ବଳକା କାର୍ଯ୍ୟକୁ ଅନ୍ୟ ଏକ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ସମ୍ପୂର୍ଣ୍ଣ କରିବା ନିମନ୍ତେ ପରବର୍ତ୍ତୀ ପଦକ୍ଷେପ ନିଆଯାଉଥିବା କହିଥିଲେ।


ବିଧାନସଭାରେ ନିଜର ପ୍ରଶ୍ନ ଉପସ୍ଥାପନ କରୁଛନ୍ତି ବିଧାୟକ ମାନସ ଦତ୍ତ।

# ଯୋଗ ପ୍ରଚାରକ ମୁକ୍ତିକାନ୍ତ ଦିଲ୍ଲୀରେ ସମ୍ବର୍ଦ୍ଧିତ


ଦିଲ୍ଲୀରେ ମୁକ୍ତିକାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୨୬।୧୧(ଉତ୍କଳବନ୍ଧୁ ପଣ୍ଡା)

-ବାଲେଶ୍ୱର ଜିଲାର ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ନିଜର ଉତ୍ସର୍ଗୀକୃତ ସେବା ପାଇଁ ଦିଲ୍ଲୀରେ ସମ୍ବର୍ଦ୍ଧିତ ହୋଇ ଖଇରାର ଗର୍ବ ଓ ଗୌରବ ବଢାଇଛନ୍ତି। ରବିବାର ସଂସଦ ଭବନ ପାଖ ଇନଷ୍ଟିଚ୍ୟୁଶନାଲ କ୍ଲବ ପକ୍ଷରୁ ଆୟୋଜିତ ସମାରୋହରେ ଅତିଥି ଭାବେ ଯୋଗ ପ୍ରଭାରୀ ଆଇଏନ ଆଚାର୍ଯ୍ୟ, ସ୍ୱାମୀ ଅମିତ ଦେବ, କାଳୀପୀଠର ପ୍ରଧାନାଚାର୍ଯ୍ୟ ପବନଦତ୍ତ ମିଶ୍ରା, ଭାଜପା ନେତା ନିତିନ ପାଠକ ପ୍ରମୁଖ ଉପସ୍ଥିତ ରହି ଯୋଗରତ୍ନ ସମ୍ମାନ ପ୍ରଦାନ କରିଥିଲେ। ଖଇରା ବ୍ଲକ ଭୋଗୁପୁର ଗ୍ରାମର ମୁକ୍ତିକାନ୍ତ ହରିଦ୍ୱାରସ୍ଥିତ ପତଞ୍ଜଳୀ ଆଶ୍ରମରୁ ଯୋଗ ଶିକ୍ଷା ପରେ ସନ୍ନ୍ୟାସୀ ଜୀବନ ବିତାଇ ଖଇରା ସମେତ ଜିଲାର ବିଭିନ୍ନ ଅନୁଷ୍ଠାନକୁ ଗସ୍ତ କରି ଯୋଗର ଆବଶ୍ୟକତା ଉପରେ ଛାତ୍ରୀଛାତ୍ର, ଆଶା, ଅଙ୍ଗନୱାଡି କର୍ମୀଙ୍କୁ ସଚେତନ କରାଇବା ସହ ଯୋଗଶିକ୍ଷା ପ୍ରଦାନ କରୁଛନ୍ତି।

# ଏକତା, ସଂହତିର ଭାବ ଜାଗ୍ରତ ହେବା ଆବଶ୍ୟକ



ବାଲେଶ୍ୱର, ୨୬।୧୧(ବାଞ୍ଛାନିଧି ଦେ)

**ଏଫଏମ୍ ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଦ୍ୱାରା କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ମଙ୍ଗଳବାର 'ସମ୍ବିଧାନ ଦିବସ' ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ ଆଭାସୀ ମାଧ୍ୟମରେ ଯୋଗଦେଇ ଏହି ସ୍ୱତନ୍ତ୍ର ଦିବସ ପାଳନର ତାତ୍ପର୍ଯ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଯୋଗଦେଇ ରାଷ୍ଟ୍ରର ଏକତା ଓ ସଂହତିର ଭାବ ସମସ୍ତଙ୍କ ମଧ୍ୟରେ ଜାଗ୍ରତ ଓ ଦୃଢ଼ୀଭୂତ ହେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଦେଶକୁ ପ୍ରଗତି ପଥରେ ନେବା ପାଇଁ ଆଇନର ଭୂମିକା ଓ ପ୍ରାକୃତିକ ଆଇନ ସହ ସାମ୍ବିଧାନିକ ଆଇନକୁ ମାନି ଚଳିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଡ. ପବିତ୍ରମୋହନ ନାୟକ ପ୍ରାରମ୍ଭିକ ସୂଚନା ଓ କାର୍ଯ୍ୟକ୍ରମର ଆବାହକ ଡ. ରାଜଶ୍ରୀ ଦତ୍ତ ସମ୍ବିଧାନର ସାମୂହିକ 'ପ୍ରାକ୍ କଥନ' ପାଠ କରାଇଥିଲେ। ଏହି ଅବସରରେ ସମାଜ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନେ ସଂସଦର ଅଧିବେଶନର ଚିତ୍ର ନେଇ ଏକ ନାଟ୍ୟରୂପ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଅଧ୍ୟାପିକା ପ୍ରିୟମ୍ବଦା ପଲାଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଡ. ଚନ୍ଦନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଏଏସ୍ ପାଇଥିବା ପ୍ରୀତମଙ୍କୁ ସମ୍ବର୍ଦ୍ଧନା

ବସ୍ତା, ୨୬।୧୧(ହରିଶଙ୍କର ପାଢ଼ି)

ବସ୍ତା ବ୍ଲକ ଗାନ୍ଧୀ ଛକଠାରେ ଗାନ୍ଧି ସ୍ମୃତି ପରିଷଦ ଓ ଗାନ୍ଧିଜୀ ବଜାର କମିଟି ପକ୍ଷରୁ ଓଏଏସ୍ ପାଇଥିବା ପ୍ରୀତମ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମଥାନୀ ପଞ୍ଚାୟତ ସାନଖୁଡ଼ି ଗ୍ରାମର ଚିତ୍ତରଞ୍ଜନ ମହାନ୍ତି ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ ୩୦ବର୍ଷ ହେଲା ଖରା, ବର୍ଷା ଶୀତ କାକରରେ ଖବର କାଗଜ ବିକ୍ରି କରନ୍ତି। ତେବେ ପୁଅ ପ୍ରୀତମ ମହାନ୍ତି ପ୍ରଶାସନିକ ପରୀକ୍ଷାରେ ୧୧୫ ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହେବା ପରେ ଗ୍ରାମ ତଥା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଧୀରେନ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିମ୍ବାଧର ବେହେରା, ଜୀବନ ପ୍ରଧାନ, ସାମ୍ବାଦିକ ସଂଘ ସଭାପତି ଦୀନବନ୍ଧୁ ପ୍ରଧାନ, ଶେଖ କବିରୁଦ୍ଦିନ, ବଜାର କମିଟି ସଭାପତି ବିଦ୍ୟାଧର ଦେ, ସମ୍ପାଦକ ସଦାଶିବ ନାୟକ, ପ୍ରାଣକୃଷ୍ଣ ମହାନ୍ତି, ମଦନ ଜେନା, ସେକ ରମଜାନ, ହରିହର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପ୍ରୀତମଙ୍କୁ ଫୁଲତୋଡ଼ା ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

### ଦୃଷ୍ଟି ଆଢୁଆଳରେ ଜାମଶୂଳୀ ଡାକବଙ୍ଗଳା

**ଉନ୍ନତୀକରଣ ନ ହେଲେ ଆନ୍ଦୋଳନ ଚେତାବନୀ**

କାଳିପଦା, ୨୬।୧୧(ରାଜଶ୍ରୀ ପାଣିଗ୍ରାହୀ)



ସିଂଲା ଥାନା ଅଧୀନରେ ଥିବା ଜାମଶୂଳୀ ଛକ ନିକଟର ବହୁ ପୁରାତନ ଡାକବଙ୍ଗଳା ଏବେ ଭୂତକୋଠି ପାଲଟିଛି। ବସ୍ତା ନିର୍ବାଚନ ମଣ୍ଡଳୀର ଏହି ଡାକବଙ୍ଗଳା ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ବସ୍ତା-ବାଲିଆପାଳ ମୁଖ୍ୟ ରାସ୍ତାର କଲେଜ ଛକରେ ଥିବା ଏହି ଡାକବଙ୍ଗଳା ଦୀର୍ଘଦିନରୁ ତାଲା ବନ୍ଦ ରହିଥିବାରୁ ଅନାବନା ଗଛ ଉଠି ଜଙ୍ଗଲ ସୃଷ୍ଟି ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ଡାକବଙ୍ଗଳା ଶ୍ରୀହୀନ ଦେଖାଯାଉଛି। ଏଠାରେ ପୂର୍ବରୁ ବହୁ ବଡ଼ ବଡ଼ ଲୋକ ଆଶ୍ରୟ ନେଉଥିଲେ। ପୂର୍ତ୍ତବିଭାଗ ଅଧୀନରେ ଥିବା ଜାମଶୂଳୀ, ବସ୍ତା, ବାଲିଆପାଳରେ ୩ଟି ଡାକବଙ୍ଗଳା ମଧ୍ୟରେ ଜାମଶୂଳୀର ଏହି ବଙ୍ଗଳା ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏହାର ଉନ୍ନତୀକରଣ ଏବଂ କାର୍ଯ୍ୟକ୍ଷମ କରିବା ପାଇଁ ସାମାଜିକ କର୍ମୀ ଜ୍ୟୋସ୍ନାରାଣୀ ମହାନ୍ତି ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଜଙ୍ଗଲ ସଫା ଏବଂ ଉନ୍ନୟନମୂଳକ କାର୍ଯ୍ୟ ନ ହୁଏ ତା'ହେଲେ ଜନନୀ ପରିବାର ପକ୍ଷରୁ ଡାକବଙ୍ଗଳା ସାମ୍ନାରେ ସତ୍ୟାଗ୍ରହ କରାଯିବ ବୋଲି ମହାନ୍ତି ଚେତାବନୀ ଦେଇଛନ୍ତି। ତୁରନ୍ତ ଏହି ଡାକବଙ୍ଗଳାର ଉନ୍ନତୀକରଣ କରାଯିବ ବୋଲି ପୂର୍ତ୍ତବିଭାଗ ଏସ୍‌ଡିଓ ସିତାରାମ ଟୁ୍ୟ ସୂଚନା ଦେଇଛନ୍ତି।

# ଆଞ୍ଚଳିକ ପରିବହନ, ପୋଲିସ୍ ପକ୍ଷରୁ ଯାଞ୍ଚ



ଯାନବାହନ ଯାଞ୍ଚ କରାଯାଉଛି।

ଜଳେଶ୍ୱର, ୨୬।୧୧(ନବୀନ ସାହୁ)

**୨ଲକ୍ଷ ୨୩ ହଜାର ଫାଇନ୍ ଆଦାୟ**

ବାଲେଶ୍ୱର ଆଞ୍ଚଳିକ ପରିବହନ ଓ ରାଇବଣିଆ ପୋଲିସ୍ ପକ୍ଷରୁ ଯାଞ୍ଚ କରାଯାଇ ୨ଲକ୍ଷ ୨୩ହଜାର ଫାଇନ୍ ଆଦାୟ କରାଯାଇଛି। ବାଲେଶ୍ୱର ଆଞ୍ଚଳିକ ପରିବହନ ବିଭାଗ ଓ ରାଇବଣିଆ ଥାନା ପକ୍ଷରୁ ମଙ୍ଗଳବାର ମିଳିତ ଭାବେ ଓଲମରା, ଗୋପାଳ ପ୍ରସାଦ ଛକ ଓ ରାଇବଣିଆରୁ ସର୍ଦ୍ଦାରବନ୍ଧ ଯିବା କବାଟଘାଟି ଛକ ନିକଟରେ ଟ୍ରାଫିକ ପୋଲିସର ଇନ୍ସପେକ୍ଟର ସମରେନ୍ଦ୍ର ମହାପାତ୍ର, କନଷ୍ଟେବଲ ଠାକୁର ହାଁସଦା, ରଞ୍ଜନ ସେଠୀ ଓ ରାଇବଣିଆ ଥାନା ପକ୍ଷରୁ ଏଏସ୍‌ଆଇ ମୂରଲୀ ନାୟକ, କନଷ୍ଟେବଲ ରତ୍ନେଶ୍ୱର ମୁର୍ମୁ ପ୍ରମୁଖ ଅମାନିଆ ଗାଡ଼ି ଚାଳକ, ବିନା ହେଲମେଟ, ଡ୍ରାଇଭିଂ ଲାଇସେନ୍ସ, ସେଥିମଧ୍ୟରୁ ୧୨ଟି ମୋଟର ସାଇକେଲ, ଗୋଟାଏ ମାଲବୁହା ଅଟୋରିକ୍ସା ଓ ଟାଟା ଏସିଇରୁ ଫାଇନ୍ ଆଦାୟ କରାଯାଇଛି। ଗୋଟିଏ ଟ୍ରାକ୍ଟରକୁ ରାଇବଣିଆ ପୋଲିସ୍ ଜବତ କରିଛି। ଫଳରେ ରାଇବଣିଆ ଅଞ୍ଚଳରେ ବେପାରୁଆ ଗାଡ଼ି ଚାଳକ ସହିତ ଚୋରା ବାଲି ଟ୍ରାକ୍ଟର ମାଲିକଙ୍କ ଛାତିରେ ଛନକା ପଡ଼ିଛି। ଆଗକୁ ଚୋରା ବାଲି ଟ୍ରାକ୍ଟରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଞ୍ଚଳିକ ପରିବହନ ବିଭାଗ ଓ ରାଇବଣିଆ ପୋଲିସ୍ ପକ୍ଷରୁ ସୂଚନା ଦେଇଛନ୍ତି।

### କରକଟିଆ ଅଞ୍ଚଳରେ ବାଘ ଆତଙ୍କ

ବାରିପଦା,୨୬।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡ ଅଧୀନ ଡୁକୁରା ବନ୍ୟପ୍ରାଣୀ ରେଞ୍ଜ ଅଞ୍ଚଳରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ବନ୍ୟପ୍ରାଣୀ ରେଞ୍ଜ ଅଞ୍ଚଳ ନିକଟବର୍ତ୍ତୀ ଉଦଳା ରେଞ୍ଜ ଅଧୀନ କରକଟିଆ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଦୋକାନୀ ବାଘ ଦେଖିବା ନେଇ ପ୍ରଚାର ହେବାପରେ ଗ୍ରାମରେ ଆତଙ୍କ ଖେଳିଯାଇଛି। ଏନେଇ ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶଙ୍କୁ ଯୋଗାଯୋଗ କରିବାରୁ କୋର୍ ଅଞ୍ଚଳ ଛାଡ଼ି ଟେରିଟରୀ ଅଞ୍ଚଳକୁ ବାଘ ଆସିବା ଖବର ତାଙ୍କ ପାଖରେ ନାହିଁ ବୋଲି କହିଛନ୍ତ। ସେହିପରି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନାନୀଙ୍କୁ ପଚାରିବାରୁ ବନ ବିଭାଗ ଗାଡ଼ି ଏବେ ଯେଉଁ ପଟେ ଯିବା ଆସିବା କରୁଛି, ଲୋକେ ବାଘ ଗୁଜବ ଆଣୁଛନ୍ତି। ସେଥିରୁ କ୍ଷାନ୍ତ ରହିବାକୁ ସେ ନିବେଦନ କରିଛନ୍ତି।

# ଟ୍ରକ୍ ଡ୍ରାଇଭର ଗିରଫ

ପାଟଣା,୨୬।୧୧ (ବୀରକିଶୋର ଦାଶ)

**ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ ଘଟଣା**
■ ରାଜପଥ ଅବରୋଧ ନେଇ ୨୦ଜଣଙ୍କ ନାଁରେ ମାମଲା

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ୪୯ ନଂ. ଜାତୀୟ ରାଜପଥର ଝାରବେଡା ଛକ ନିକଟରେ ରବିବାର ଏକ ଟ୍ରକ୍ ଧକ୍କାରେ ବାଇକ୍‌ରେ ଆସୁଥିବା ଦମ୍ପତିଙ୍କ ମୃତ୍ୟୁ ଘଟିଥିଲା। ଟ୍ରକ୍‌କୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ସୋମବାର ଗିରଫ ପରେ କୋର୍ଟଚାଲାଣ କରିଛି। ଗିରଫ ଡ୍ରାଇଭର ହେଲେ ଉତ୍ତରପ୍ରଦେଶ ହୀରାଚକ ଗ୍ରାମର ଅରବିନ୍ଦ କୁମାର(୩୨)। ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୩୧୫/୨୪) ରୁଜୁ ହୋଇଛି। ଉ ତ୍ତ ୟ କ୍ତ ଲୋକେ କ୍ଷତିପୂରଣ ଦାବି ସହ ବାରମ୍ବାର ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟୁଥିବାରୁ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଟାୟାର ଜାଳି ରାଜପଥକୁ ଅବରୋଧ କରିଥିଲେ। ବେଆଇନ ଭାବେ ରାଜପଥକୁ ଅବରୋଧ କରିଥିବା ନେଇ ୨୦ଜଣଙ୍କ ନାଁରେ ମାମଲା(ନଂ.୩୧୬/୨୪) ରୁଜୁ ହୋଇଥିବା ଏସ୍‌ଆଇ ରସାନନ୍ଦ ନାୟକ କହିଛନ୍ତି। ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ଘଟଣାର ତଦନ୍ତ କରୁଛନ୍ତି।

### କାର୍ ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ

ଢେଙ୍କିକୋଟ:୨୬।୧୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ୍ ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥରଟିକିରା ଛକଠାରେ ମଙ୍ଗଳବାର ଅପରାହ୍ନ ୪ଟା ବେଳେ ଏକ କାର ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ମସିଣାବିଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାନମସିଣାବିଲା ଗ୍ରାମର ହରିହର ମହାନ୍ତ(୭୫)। ହରିହର ଘରୁ ସାଇକେଲ ଯୋଗେ ଢେଙ୍କିକୋଟ ବଜାରକୁ ଔଷଧ ପାଇଁ ଆସୁଥିବାବେଳେ ଟିକିରା ଛକ ନିକଟରେ ଏକ କାର୍ ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇ ରାସ୍ତା ଉପରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ତାଙ୍କୁ ଘଟଗାଁ ଡାକ୍ତରଖାନାକୁ ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

### ବାଙ୍ଗିରିପୋଷି ଶିଶୁ ବିଦ୍ୟାମନ୍ଦିରରେ ସମ୍ବିଧାନ ଦିବସ

ବାଙ୍ଗିରିପୋଷି,୨୬।୧୧ (ସଂଜୟ କୁମାର ଅଗ୍ରୱାଲା)

ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ପ୍ରଭାସିନୀ ନନ୍ଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ସମ୍ବିଧାନ ଦିବସ' ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିନୋଦିନୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ରତିରଞ୍ଜନ ବେହେରା ଉଦ୍‌ଘାଟନ କରିବା ସହିତ ସମ୍ବିଧାନ ଦିବସର ମହତ୍ୱ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ଆଚାର୍ଯ୍ୟ ଦୀନବନ୍ଧୁ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ଧନ୍ୟବାଦ ଦେଇଥିଲେ। ସମସ୍ତ ଗୁରୁମା,ଗୁରୁଜୀ ଓ ସେବିକାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶହୀଦଙ୍କ ଦୁଇ ପୁଅକୁ ପଢୁଆଁ କଲେ ପୂର୍ବତନ ବିଧାୟକ



ବାହାନଗା, ୨୬।୧୧(ଅରୂପ କୁମାର ଦାସ)

ପ୍ରଥମାଷ୍ଟମୀରେ ମାମୁଘର କିମ୍ବା ମା'ବାପା ନିଜର ବଡ଼ ପୁଅକୁ ନୂଆ ବସ୍ତ୍ର ଦେଇ ପ୍ରଥମାଷ୍ଟମୀ ପାଳନ କରିଥାନ୍ତି। ସେହି ଅନୁଯାୟୀ ସୋର ନିର୍ବାଚନମଣ୍ଡଳୀର ବାହାନଗା ବ୍ଲକ ଗୋପାଳପୁର ଗ୍ରାମର ଶହୀଦ ପ୍ରକାଶ କୁମାର ଶିଅଳିଙ୍କ ଦୁଇ ପୁଅଙ୍କୁ ପ୍ରଥମାଷ୍ଟମୀରେ ସୋରର ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା ନୂଆ ପ୍ୟାଣ୍ଟ ସାର୍ଟ ଓ ପ୍ରକାଶଙ୍କ ସ୍ତ୍ରୀଙ୍କ ନିମନ୍ତେ ନୂଆ ଶାଢି ଓ ମିଠା ଧରି ତାଙ୍କ ଘରେ ପହଞ୍ଚିଥିଲେ। ଦୁଇ ପୁଅଙ୍କୁ ପୂର୍ବତନ ବିଧାୟକ ଧଡ଼ା ନୂଆ ବସ୍ତ୍ର ଦେଇ ପଢୁଆଁ କରିଥିଲେ। ବିଧାୟକ ଧଡ଼ାଙ୍କ ସହିତ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଗୋପାଳପୁର ସମିତିସଭ୍ୟ ଯୋଗେଶଚନ୍ଦ୍ର ପତି, ଶୁଭଶ୍ରୀ ଦାସ, ସବିତା ଅଗସ୍ତି, ଜୟନ୍ତ ମହାନ୍ତି, ପଣ୍ଡାଶୁଣି ସରପଞ୍ଚ ପରୀକ୍ଷିତ ମାଝି ଓ କଲ୍ୟାଣୀ ସରପଞ୍ଚ ସତ୍ୟନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ରୋଣାଚାର୍ଯ୍ୟ ଗୁରୁଗୌରବ ସମ୍ମାନ

ବାରିପଦା,୨୬।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠ ସାଇ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ସାମିଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ 'ଉତ୍କର୍ଷ' ମାଧ୍ୟମରେ ଆମ୍ରିନ୍ତନ କାର୍ଯ୍ୟକ୍ରମ 'ଦ୍ରୋଣାଚାର୍ଯ୍ୟ' ଗୁରୁଗୌରବ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ଡ.ପ୍ରଭଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଫେସର ପ୍ରଫୁଲ୍ଲ କୁମାର ପଣ୍ଡା, ସମ୍ମାନିତ ଅତିଥି ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ ଉତ୍ତର ଓଡ଼ିଶାର ଉପସଚିବ ଡ.ଜୟଦେବ ପରମାଣିକ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିମ୍ବାଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା କ୍ଷେତ୍ରରେ ଗୁରୁମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସମେତ ବାଲେଶ୍ୱର ଓ କେନ୍ଦୁଝର ଜିଲାରୁ ଆମନ୍ତ୍ରିତ ୧୨୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ଶିକ୍ଷାପ୍ରତି ଥିବା ଅତୁଳନୀୟ ଅବଦାନ, କର୍ତ୍ତବ୍ୟ ପରାୟଣତା ଓ ତ୍ୟାଗପୂତ ଜୀବନକୁ ପାଥେୟ କରି ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ଦ୍ରୋଣାଚାର୍ଯ୍ୟ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ଅଧ୍ୟକ୍ଷ ଅକ୍ଷୟ କୁମାର ଖିଲାର, ପ୍ରଧାନ ଶିକ୍ଷକ ଆଶିଷ କୁମାର ହୋତା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସୁଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ସିଇଓ ପ୍ରତିଟୀ ରଞ୍ଜନ ରାଉତ, ଚିତ୍ତ ରଞ୍ଜନ ରାଉତ, ଚକ୍ରଧର ରାଉତ, ମନୋରଞ୍ଜନ ରାଉତ, ଦିବାକର ନୟାଗମ, ରଜତ ଘୋଷ, ସ୍ୱରୂପ କୁମାର ଶତପଥୀ, ଅନନ୍ତ ନାରାୟଣ ପତି, କମଳାକାନ୍ତ କବାଟ, ଗଣେଶ୍ୱର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଦ୍ରୋଣାଚାର୍ଯ୍ୟ ସମ୍ମାନରେ ସମ୍ମାନିତ ଶିକ୍ଷକମାନେ।

